**ଘର ଭିତରୁ ନାଗ ଉଦ୍ଧାର**

ରାଉରକେଲା ଅଫିସ: ଛେଣ୍ଡ ଆର୍‌ଡି କଲୋନୀର ବଣ୍ଟି କୁମାର(୩୪)ଙ୍କ ଘରୁ ରବିବାର ନାଗସାପ ଉଦ୍ଧାର କରାଯାଇଛି। ଏହି ସାପର ଲମ୍ବ ୪ ଫୁଟ ବୋଲି ଜଣାପଡିଛି। ପୂର୍ବାହ୍ନ ସାଢ଼େ ୧୧ଟାରେ ବଣ୍ଟି ତାଙ୍କ ଶୋଇବା ଘରେ ଏକ ନାଗସାପ ଦେଖି ସ୍ନେକହେଲ୍‌ପ ଲାଇନକୁ ଫୋନ ଯୋଗେ ଅବଗତ କରିଥିଲେ। ସ୍ନେକହେଲ୍‌ପ ଲାଇନ୍ କର୍ମଚାରୀ ଦେବାନନ୍ଦ ବେହେରା ଘଟଣାସ୍ଥଳରେ ପହଞ୍ଚି ଉକ୍ତ ସାପକୁ ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର କରିଥିଲେ।

**ସଂକ୍ଷେପରେ**

## କଫ ସିରପ ଜବତ, ୨ ଗିରଫ

ସମ୍ବଲପୁର,୩।୧୦(ବ୍ୟୁରୋ): ସମ୍ବଲପୁର ଜିଲା ବୁର୍ଲା ଥାନା ପୋଲିସ କଫ ସିରଫ ବିକ୍ରି ଅଭିଯୋଗରେ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଗୋଲଗୁଣ୍ଡା ଗ୍ରାମର ସୁରେଶ ଜେକବ ( ୪୦), ଆଇଆର କଲୋନୀର ରାଜେଶ ପଞ୍ଚବିହାର ( ୩୦) । ଅଭିଯୁକ୍ତଙ୍କ ନିକଟରୁ ୫ ଶହ ବୋତଲ କଫ ସିରଫ, ନିଶା ବଟିକା, ବ୍ୟବହୃତ ଦୁଇଚକିଆ ଗାଡି (ନଂ ଓଡି-୧୫ କେ- ୦୨୮୯), ଗୋଟିଏ ମୋବାଇଲ ଫୋନ ଜବତ ହୋଇଛି । ଏନେଇ ଥାନାରେ ୬୦୧/୨୧ରେ ମାମଲା ରୁଜୁ ହୋଇ କୋର୍ଟ ଚାଲାଣ କରାଯାଇଛି । ବୁର୍ଲା ଥାନା ଜାତୀୟ ରାଜପଥ ୫୨ର ଏକ ଢାବା ନିକଟରେ କଫ ସିରପ ବିକ୍ରି କରିବାକୁ ଅଭିଯୁକ୍ତମାନେ ଥିଲେ । ଏହି ସମୟରେ କୌଣସି ସୂତ୍ରରୁ ଖବର ପାଇ ପୋଲିସ ପହଞ୍ଚି କାବୁ କରି ନେଇଥିଲା ।

## ଏକାଠି ଖାଇଲେ ଅଧିକାରୀ, ସଫେଇ କର୍ମଚାରୀ



ସମ୍ବଲପୁର,୩।୧୦(ବ୍ୟୁରୋ): ସମ୍ବଲପୁର ମହାନଗର ନିଗମ (ଏସଏମସି ) ପକ୍ଷରୁ ଖଣ୍ଡୁଆଲ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ରରେ ବଡଖାନା କାର୍ଯ୍ୟକ୍ରମ ରବିବାର ହୋଇଥିଲା । ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ହେବା ସହ ଜିଲା ପ୍ରଶାସନ ଅଧିକାରୀ ଓ ସଫେଇ କର୍ମଚାରୀ ଏକାଠି ମିଶି ଖାଇଥିଲେ । ମହାନଗର ନିଗମ ବିଭିନ୍ନ ୱାର୍ଡର ପ୍ରାୟ ୧୮୦ ଜଣ ସଫେଇ କର୍ମଚାରୀ ଯୋଗ ଦେଇଥିଲେ । ୩୦ ଜଣ ସଫେଇ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା । ପରେ ସଫେଇ କାମରେ ନିୟୋଜିତ କରିବା ପାଇଁ ବ୍ୟାଟେରି ଚାଳିତ ସଫେଇ ଗାଡିର ଉଦଘାଟନ କରାଯାଇଥିଲା । ଏଡିଏମ ଉମାକାନ୍ତ ରାଜ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଏସଏମସି କମିଶନର ଅନିରୁଦ୍ଧ ପ୍ରଧାନ, ଉପଜିଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ଏସଏମସି ଏନଫୋର୍ସମେଣ୍ଟ ଅଧିକାରୀ ଶୁଭଙ୍କର ମହାନ୍ତି, ଡିଏସଡବ୍ଲୁ ଗୀତାଞ୍ଜଳି ମହାପାତ୍ର, ଡିସିପିଓ ସୁଚିସ୍ମିତା ପଟ୍ଟନାୟକ, ସଦର ତହସିଲଦାର ଲକ୍ଷ୍ମଣ ଅମାତଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ ।

# ସ୍ମାର୍ଟସିଟିରେ ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥା



ରାଉରକେଲା ସହରର ଟ୍ରାଫିକ୍ ଛକର ଦୃଶ୍ୟ ।

**ରାଉରକେଲା ଅଫିସ,୩।୧୦**

- ଜଳୁନି ସିଗ୍‌ନାଲ ଲାଇଟ୍
- ଏକାଧିକ ଛକରେ ନାହିଁ ପୋଷ୍ଟ
- ଦୋକାନ, ଗଛ ତଳେ ଛିଡ଼ା ହେଉଛନ୍ତି

ରାଉରକେଲା ସହରରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ବିଭିନ୍ନ ଛକରେ ଟ୍ରାଫିକ ପୋଷ୍ଟର ବ୍ୟବସ୍ଥା କରାଯାଇନାହିଁ। ଫଳରେ ଉକ୍ତ ଛକମାନଙ୍କରେ କାର୍ଯ୍ୟରତ ଟ୍ରାଫିକ ପୋଲିସ ଖରା, ବର୍ଷାରେ ରାସ୍ତା କଡ଼ ଗଛ ତଳେ ବା ଦୋକାନରେ ଛିଡା ହୋଇ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଫଳରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ସ୍ଥାନୀୟ ପ୍ରଶାସନ ଓ ଆର୍‌ଏସ୍‌ପିର ମିଳିତ ଉଦ୍ୟମରେ ସହରର ୩ଟି ପ୍ରମୁଖ ଛକରେ ଟ୍ରାଫିକ ଲାଇଟ ସିଗ୍‌ନାଲ୍ ବ୍ୟବସ୍ଥା କରାଯାଇଥିଲା। ସେଥିମଧ୍ୟରୁ ଗୋଟିଏ ସିଗ୍‌ନାଲ କାମ କରୁଥିବାବେଳେ ସାତ-ସତର ଛକ ଓ ଛେଣ୍ଡ ଛକର ଲାଇଟ ଭଗ୍ନ ଅବସ୍ଥାରେ ପଡିରହିଛି। ଆମ୍ବେଦକର, ବିଶ୍ରା, ଟ୍ରାଫିକ୍ ଗେଟ, ହନୁମାନ ବାଟିକା, ବେଦବ୍ୟାସ, ପାନପୋଷ ଛକରେ କୌଣସି ଟ୍ରାଫିକ ସିଗ୍‌ନାଲ ଓ ପୋଷ୍ଟ ନାହିଁ। ସେଠାରେ କାର୍ଯ୍ୟରତ ପୋଲିସ ଅସୁବିଧା ଭୋଗୁଛନ୍ତି। ଜଣେ ଟ୍ରାଫିକ ପୋଲିସ ତାଙ୍କ ନାମ ଗୋପନ ରଖି କହିଛନ୍ତି, ଟ୍ରାଫିକ ପୋଲିସ ପାଇଁ କୌଣସି ରେଷ୍ଟହାଉସ କି ଶୌଚାଳୟ ବ୍ୟବସ୍ଥା କରାଯାଇ ନ ଥିବାରୁ ବିଭିନ୍ନ ସମୟରେ ବହୁ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଛକମାନଙ୍କରେ ଟ୍ରାଫିକ ପୋଷ୍ଟ ନଥିବାରୁ ବର୍ଷାହେଲେ ଦୋକାନ, ଅଟୋ ଭିତରେ ନଚେତ ଗଛତଳେ ଠିଆ ହୋଇ ବର୍ଷାରେ ଭିଜି କାର୍ଯ୍ୟ କରିବାକୁ ବାଧ୍ୟ ହେଉଥିବା ପ୍ରକାଶ କରିଛନ୍ତି। ସେହିପରି ପ୍ରମୁଖ ଛକ ମାନଙ୍କରେ ଆଜିଯାଏ କୌଣସି ସିସି କ୍ୟାମେରା ବ୍ୟବସ୍ଥା କରାଯାଇନାହିଁ। ଫଳରେ ନମ୍ବର ବିହୀନ ଗାଡ଼ି ଚାଳକଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ନେବାରେ ଟ୍ରାଫିକ୍ ପୋଲିସ ବିଫଳ ହେଉଛି ।



“ ଟ୍ରାଫିକ ନିୟନ୍ତ୍ରଣ କରିବାକୁ ହେଲେ ପ୍ରଥମେ କାର୍ଯ୍ୟରତ ଟ୍ରାଫିକ ପୋଲିସଙ୍କୁ ଠିଆ ହେବା ପାଇଁ ପୋଷ୍ଟ ବ୍ୟବସ୍ଥା ନିତାନ୍ତ ଆବଶ୍ୟକତା ରହିଛି। ସହରରେ ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥା ପାଇଁ ଉଭୟ ପ୍ରଶାସନ ଓ ଆର୍‌ଏସ୍‌ପି ଦାୟୀ। ଦୀର୍ଘଦିନ ଧରି ଟ୍ରାଫିକ ଲାଇଟ ନ ଜଳିବା ପ୍ରଶାସନର ଉଦାସସୀନତା ମନୋଭାବକୁ ଦର୍ଶାଉଛି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷ ସଜାଗ ହେବା ଜରୁରୀ ।

**ଜୟନ୍ତୀ ଦାସ, ସାମାଜିକ କର୍ମୀ**



“ ସହରରେ ଟ୍ରାଫିକ ବ୍ୟବସ୍ଥା ସୁଧାରିବା ସହ ଜନସାଧାରଣଙ୍କ ମଧରେ ଟ୍ରାଫିକ ସଚେତନା ଆବଶ୍ୟକ। ପରିବହନ ବିଭାଗ ଡ୍ରାଇଭିଂ ଲାଇସେନ୍ସକୁ କଡାକଡି କରୁ। ଛକ ମାନଙ୍କରେ ମୁତୟନ ହେଉଥିବା ପୋଲିସ ଜନସାଧାରଣଙ୍କୁ ଟ୍ରାଫିକ ନିୟମ ବିଷୟରେ ଅବଗତ କରାଇଲେ ସହରରେ ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଆସିବ।

**ହରିହର ରାଉତରାୟ, କାର୍ଯ୍ୟକାରୀ ସଭାପତି, ରାଉରକେଲା ଶ୍ରମିକ ସଂଘ**



“ ସହରରେ ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଆଣିବାକୁ ହେଲେ ପ୍ରଥମେ ବିଭିନ୍ନ ଛକ ମାନଙ୍କରେ ଥିବା ବଡ଼ ବଡ଼ ଷ୍ଟାଚ୍ୟୁକୁ ହଟାଯିବା ଦରକାର। ଟ୍ରାଫିକ ବ୍ୟବସ୍ଥାକୁ ଅଧିକ ତ୍ୱରାନିତ କରିବା ପାଇଁ ସହରର ପ୍ରମୁଖ ଛକମାନରେ ୧୧ଟି ଟ୍ରାଫିକ ସିଗ୍‌ନାଲ ଲାଗିବ । ଏଥିସହ ବିଶ୍ରା, ପାନପୋଷ, ବେଦବ୍ୟାସ ଭଳି ୧୦ଟି ଛକରେ ଟ୍ରାଫିକ ଟାୱାର ବ୍ୟବସ୍ଥା କରାଯାଇଛି। ସହରର ମେନ୍‌ରୋଡ଼ ଓ ମାର୍କେଟ ଅଞ୍ଚଳ ସହ ବିଭିନ୍ନ ଜନଗହଳି ଥିବା ଛକ ମାନଙ୍କରେ ସିସି କ୍ୟାମେରା ବ୍ୟବସ୍ଥା ଖୁବ ଶୀଘ୍ର କରାଯିବ ।

**ମୁକେଶ କୁମାର ଭାମୁ, ଏସ୍‌ପି, ରାଉରକେଲା**

## ପୁରାତନ ଛାତ୍ର ସଂସଦର ବୈଠକ

**ନାକଟିଦେଉଳ,୩।୧୦(ଡ଼ି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଜଗନ୍ନାଥପ୍ରସାଦ ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ଏକ ଜରୁରୀ ବୈଠକ ରବିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୁରାତନ ଛାତ୍ର ସଂସଦର ସଂପାଦକ ଅକ୍ଷୟ କୁମାର ସାହୁ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟରେ ରହିଥିବା ବିଭିନ୍ନ ସମସ୍ୟା, ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟ ଆଦି ସଂପର୍କରେ ଆଲୋଚନା କରାଯାଇଥିଲା। ଏଥିସହିତ ଆଗାମୀ ଦିନରେ ଏହି ଅନୁଷ୍ଠାନର ପୂର୍ବ ଗୌରବକୁ ଫେରାଇ ଆଣି ସମଗ୍ର ବ୍ଲକରେ ଏକ ନମ୍ବର ଭାବେ ଗଢି ତୋଳିବା ଏବଂ ମୋଡ଼େଲ ସ୍କୁଲ ଯେପରି ହୋଇ ପାରିବ ସେ ଦିଗରେ ସମସ୍ତେ କାର୍ଯ୍ୟ କରିବାକୁ ଆଲୋଚନା ହୋଇଥିଲା। ସବୁ କ୍ଷେତ୍ରରେ ବିଦ୍ୟାଳୟର ବିକାଶ ଦିଗରେ କାର୍ଯ୍ୟ କରିବାକୁ ପୁରାତନ ଛାତ୍ରମାନଙ୍କୁ ନେଇ ଏକ ୭ ଜଣିଆ କମିଟି ଗଠନ କରାଯାଇଥିଲା। ଏହି କମିଟିରେ ସଞ୍ଜୟ କୁମାର ପ୍ରଧାନ, ଜିତେନ୍ଦ୍ର ସାହୁ, ଭାସ୍କର ସାହୁ, ବିଭୂତି ଭୂଷଣ ପ୍ରଧାନ, ଶଙ୍କର୍ଷଣ ବିଶି, ବନମାଳୀ ମାଝୀ ଏବଂ ଗୌତମ ବିଶ୍ୱାଳଙ୍କୁ ମନୋନୀତ କରାଯାଇଛି। ବୈଠକରେ ହାଇସ୍କୁଲର ପ୍ରଧାନ ଶିକ୍ଷକ ହୀରାଧର ଧଳଙ୍କ ସମେତ ପ୍ରାୟ ୫୦ ଜଣ ପୁରତନ ଛାତ୍ର ଯୋଗଦେଇ ନିଜସ୍ୱ ମତ ରଖିଥିଲେ।

# ୫୬ ଆଶାକର୍ମୀଙ୍କୁ କରୋନା ଯୋଦ୍ଧା ସମ୍ମାନ

**ରାଉରକେଲା ଅଫିସ,୩।୧୦**



ଗାନ୍ଧୀ ଜୟନ୍ତୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ରାଉରକେଲା ଗାନ୍ଧୀ ଜୟନ୍ତୀ କମିଟି ଓ ସୁନ୍ଦରଗଡ଼ ଜିଲା ସ୍ୱୟଂ ସହାୟକ ଗୋଷ୍ଠୀର ମିଳିତ ଆନୁକୂଲ୍ୟରେ ସଭାପତି ପ୍ରସନ୍ନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଶନିବାର ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଉରକେଲା ତହସିଲଦାର ଚନ୍ଦ୍ରକାନ୍ତ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ରାଉରକେଲା ଇସ୍ପାତ କାରଖାନାର ଅବସରପ୍ରାପ୍ତ ମହାପ୍ରବନ୍ଧକ ବିମଳ କୁମାର ବିସି, ଓକିଲ ସଂଘ ସଭାପତି ରମେଶ ବଳ, ବିଜୟ ଟପ୍ପୋ, ପଦ୍ମିନୀ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କମିଟିର ସାଧାରଣ ସମ୍ପାଦିକା ସବିତା ଖାତୁନ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଗରିବ ଓ ନିଃସହାୟ ଲୋକଙ୍କୁ ସରକାର କୌଣସି ଯୋଜନା ନ ଦେଇ ମହିଳାଙ୍କୁ ରୋଜଗାର ଦିଅନ୍ତୁ ବୋଲି ତାଙ୍କ ବକ୍ତବ୍ୟରେ ମତପ୍ରକାଶ କରିଥିଲେ। ଏହି ଅବସରରେ କମିଟି ପକ୍ଷରୁ ୫୬ଜଣ ଆଶା କର୍ମୀଙ୍କୁ କରୋନା ଯୋଦ୍ଧା ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟଙ୍କ ପିତା ସମାଜସେବୀ ହୃଷିକେଶ ରାୟଙ୍କ ସମ୍ମାନାର୍ଥେ ବିଶିଷ୍ଟ ଶିକ୍ଷାବିତ୍ ତଥା ବିର୍ସା ମୁଣ୍ଡା ଷ୍ଟାଚ୍ୟୁ କମିଟିର ସମ୍ପାଦକ ପ୍ରଫେସର ବିଜୟ କୁମାର ଟପ୍ପୋଙ୍କୁ ପ୍ରଥମ ରାଜ୍ୟ ସ୍ତରୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ବିଦ୍ୟାଳୟ ସ୍ତରରେ ଆୟୋଜିତ ହୋଇଥିବା ତର୍କ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଫକୀର ଚରଣ ପତି ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଚିନ୍ତା ସାହୁ, ଖୁର୍ସିଦା ବାନୁ, ମାଳତି ଯାଦବ, ରଞ୍ଜିତା ମହାନ୍ତି, ୟାସମିନ ଖାତୁନ, ଆକବର ଖାଁ, ସୁଶେନ କେରକେଟ୍ଟା, ପ୍ରତିମା ଦାସ, ଶୁକୁନ୍ତଳା ମାହାତୋ ସହଯୋଗ କରିଥିଲେ। ଏଥିରେ ଶତାଧିକ ଆଶାକର୍ମୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଉପସ୍ଥିତ ଥିଲେ।

## ବର୍ଜ୍ୟବସ୍ତୁରେ ତିଆରି ହସ୍ତଶିଳ୍ପ

**ସମ୍ବଲପୁର,୩।୧୦(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ (ଏସଏମସି) ପକ୍ଷରୁ ବର୍ଜ୍ୟବସ୍ତୁରେ ତିଆରି ହସ୍ତଶିଳ୍ପ ମେଳା ରବିବାର ଉଦ୍‌ଯାପିତ ହୋଇଯାଇଛି। ରାମସାଗର ପାର୍କରେ ଏହା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ୨ ଦିନ ଧରି ପ୍ରତିଯୋଗିତା ହୋଇଥିଲା। ମିଶନ ଶକ୍ତି ମହିଳା ସଦସ୍ୟା ଓ ରେସିଡେଣ୍ଟାଲ ୱେଲଫେୟାର ଆସୋସିଏଶନର ପୃଥକ ପୃଥକ ପ୍ରତିଯୋଗିତା ହୋଇଥିଲା। ଆଜାଦି କି ଅମୃତ ମହୋତ୍ସବ ଉପଲକ୍ଷେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଘରେ ବାହାରୁ ଥିବା ବର୍ଜ୍ୟବସ୍ତୁକୁ ନେଇ ବେଶ ସୁନ୍ଦର ଭାବେ ବିଭିନ୍ନ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ଦୁଇଦିନ ଧରି ଆୟୋଜିତ ଏହି ମେଳାକୁ ସ୍କୁଲ,କଲେଜ ଛାତ୍ରୀଛାତ୍ର ଓ ସାଧାରଣ ଲୋକ ଯାଇ ଦେଖିଥିଲେ। ପୁରସ୍କାର ବିତରଣୀ ସଭାରେ ଏସଏମସି କମିଶନର ଅନିରୁଦ୍ଧ ପ୍ରଧାନ ଯୋଗ ଦେଇଥିଲେ । ରେସିଡେଣ୍ଟ ୱେଲଫେୟାର ଆସୋସିଏଶନରେ ଗୌରବ ପି ଚୌହାନ ପ୍ରଥମ, ଦ୍ୱିତୀୟ ବର୍ଣିଂକା ଅଗ୍ରୱାଲ, ଏ.ଅଗ୍ରୱାଲ ତୃତୀୟ ସ୍ଥାନ ଲାଭ କରିଥଲେ। ମିଶନ ଶକ୍ତିରେ ପ୍ରଥମ ସୌଭାଗ୍ୟ ଷଣ୍ଡ, ଦ୍ୱିତୀୟ ମୀନାକ୍ଷୀ ନାଏକ, ତୃତୀୟ ଖୁସୁବୁ ନାଏକ ହୋଇଥିଲେ । ଏନଫୋର୍ସମେଣ୍ଟ ଅଧିକାରୀ ଶୁଭଙ୍କର ମହାନ୍ତି ମେଳା ପରିଚାଳନା କରିଥିବା ବେଳେ କର୍ମଚାରୀମାନେ ସହଯୋଗ କରିଥିଲେ।



ସମ୍ବଲପୁର ଏସଏମସି କମିଶନର ପୁରସ୍କାର ପ୍ରଦାନ କରୁଛନ୍ତି।

# ଡ଼ଙ୍ଗଚାରେ ଫୁଟବଲ ଟୁର୍ନାମେଣ୍ଟ :ବାଗେଡ଼ିଆ ଚାମ୍ପିୟନ

**ନାକଟିଦେଉଳ,୩।୧୦(ଡ଼ି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଡ଼ଙ୍ଗଚା ଗ୍ରାମସ୍ଥିତ ପତିତପାବନ ୟୁଥ କ୍ଲବ ପକ୍ଷରୁ ଚାଲିଥିବା ଦ୍ୱିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଦିନ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ସରାପାଲି, ଡଙ୍ଗଚା, ଲୁହାପଙ୍କ, ହିମତିରା, କିସିଣ୍ଡା, ରେଢାଖୋଲ, ଆମ୍ବପାଳ, ବାଗେଡିଆ ଆଦି ୮ଟି ଦଳ ଯୋଗ ଦେଇଥିଲେ। ସେମି ଫାଇନାଲରେ ବାଗେଡିଆ ଏବଂ ଡ଼ଙ୍ଗଚା ବିଜୟୀ ହେବା ପରେ ଫାଇନାଲକୁ ପ୍ରବେଶ କରଥିଲେ। ନିର୍ଦ୍ଧାରିତ ସମୟ ସୀମା ମଧରେ ବାଗେଡ଼ିଆ ଟିମ୍ ୨-୦ରେ ଡ଼ଙ୍ଗଚା ଫୁଟବଲ ଟିମ୍‌କୁ ପରାସ୍ତ କରି ଚାମ୍ପିୟାନ ହୋଇଥିଲେ। ଏହି ଅବସରରେ ଆୟୋଜିତ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ନାକଟିଦେଉଳ ବ୍ଲକ ଅଧକ୍ଷା ମନ୍ଦାକିନୀ ରାଉଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟାନ ବଗେଡ଼ିଆ ଟିମ୍‌କୁ ଟ୍ରଫି ସହ ନଗଦ ରାଶି ଦେଇ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧରେ ବନାଞ୍ଚଳ ଅଧିକାରୀ ଛବିଳ କୁମାର ପ୍ରଧାନ ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ଡ଼ଙ୍ଗଚା ସରପଞ୍ଚ ପ୍ରବୀଣ କୁମାର ପ୍ରଧାନ, ଡ଼ଙ୍ଗଚା ବାପୁଜୀ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅରୁଣ କୁମାର ପ୍ରଧାନ ଯୋଗ ଦେଇଥିଲେ। ଯୋଗେନ୍ଦ୍ର ପଣ୍ଡା, ପ୍ରକାଶ କୁମାର ପଣ୍ଡା, ଅରୁଣ ପ୍ରଧାନ ଏବଂ ଶ୍ରୀକାନ୍ତ ସାହୁ ରେଫରି ଭାବେ ଯୋଗଦେଇ ଖେଳ ପରିଚାଳନା କରିଥିଲେ। ବିଶୁ ମହାରଣା ଧାରା ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଖେଳ ଶିକ୍ଷକ ନରେନ୍ଦ୍ର କୁମାର ଦେହୁରୀଙ୍କୁ ୟୁଥ କ୍ଲବ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଶେଷରେ ଡ଼ଙ୍ଗଚା ହାଇସ୍କୁଲର ସହକାରୀ ଶିକ୍ଷକ କ୍ଷୀରୋଦ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଭୀମସାରରେ ନେଫ୍ରୋଲୋଜି ଡାକ୍ତରଙ୍କ ଯୋଗଦାନ

**ସମ୍ବଲପୁର,୩।୧୦(ବ୍ୟୁରୋ)**

ସମ୍ବଲପୁର ବୁର୍ଲା ଭୀମସାର ନେଫ୍ରୋଲୋଜି ବିଭାଗରେ ଖାଲି ପଡିଥିବା ଡାକ୍ତର ପଦବୀ ପୂରଣ ହୋଇଛି। ରବିବାର ଡା. ଚିତ୍ତରଞ୍ଜନ ବାରିକ ଯୋଗଦାନ କରିଛନ୍ତି। ସେ ପୂର୍ବରୁ କଟକ ଏସସିବି ମେଡିକାଲରେ କାର୍ଯ୍ୟରତ ଥିଲେ। ବର୍ଷ ବର୍ଷ ଧରି ନେଫ୍ରୋଲୋଜି ବିଭାଗ ଡାକ୍ତର ନ ଥିଲେ। ଫଳରେ ଚିକିତ୍ସାରେ ସମସ୍ୟା ସୃଷ୍ଟି ହେଉଥିଲା । ଡାକ୍ତର ପଦ ପୂରଣ ପାଇଁ ଭୀମସାର କର୍ତ୍ତୃପକ୍ଷ ସ୍ୱାସ୍ଥ୍ୟ ବିଭାଗକୁ ଜଣାଇଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡାକ୍ତର ନିଯୁକ୍ତି କରାଯାଇଛି। ଏବେ ସମ୍ବଲପୁର ସମେତ ପଶ୍ଚିମ ଓଡିଶାବାସୀ ଉପକୃତ ହୋଇପାରିବେ। ସେମାନଙ୍କୁ ଘରୋଇ ମେଡିକାଲ କିମ୍ବା କଟକ ଯିବାକୁ ପଡିବ ନାହିଁ।



ସମ୍ବଲପୁର ବୁର୍ଲା ଭୀମସାରରେ ନେଫ୍ରୋଲୋଜି ବିଭାଗର ଡାକ୍ତର ଯୋଗଦାନ କରିଛନ୍ତି।

# ରେଢାଖୋଲରେ ଖୋଲିବ ଓଏସ୍‌ଓୟୁ ଅଧ୍ୟୟନ କେନ୍ଦ୍ର

**ସମ୍ବଲପୁର,୩।୧୦(ବ୍ୟୁରୋ)**

- କୁଳପତି, ବିଧାୟକଙ୍କ ଆଲୋଚନା ପରେ ନିଷ୍ପତ୍ତି
- ପାଠ୍ୟକ୍ରମ ସହ ବୈଷୟିକ ଶିକ୍ଷା ବ୍ୟବସ୍ଥା ହେବ



ସମ୍ବଲପୁର ବୁର୍ଲା ଅଶୋକ ନିବାସରେ ବିଧାୟକ ଓ କୁଳପତିଙ୍କ ମଧରେ ଆଲୋଚନା।

ସମ୍ବଲପୁର ଜିଲା ରେଢାଖୋଲ ଭୀମଭୋଇ କଲେଜରେ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଅଧ୍ୟୟନ କେନ୍ଦ୍ର ଖୋଲିବ। ରବିବାର ବୁର୍ଲା ଅଶୋକ ନିବାସରେ ରେଢାଖୋଲ ବିଧାୟକ ତଥା ସରକାରୀ ଉପମୁଖ୍ୟ ସଚେତକ ଇଂ ରୋହିତ ପୂଜାରୀ ଓ ଓଏସଓୟୁ କୁଳପତି ପ୍ରଫେସର ଅର୍କ କୁମାର ଦାସ ମହାପାତ୍ରଙ୍କ ମଧରେ ଆଲୋଚନା ପରେ ନିଷ୍ପତି ନିଆଯାଇଛି। ବିଧାୟକ ପୂଜାରୀ କୁଳପତି ମହାପାତ୍ରଙ୍କ ନିକଟରେ ଅଭିଯୋଗ କରିଥିଲେ ଯେ, ରେଢାଖୋଲ ଭୀମଭୋଇ କଲେଜରେ ଅଧ୍ୟୟନ କେନ୍ଦ୍ର ଖୋଲିବାର ସୁବିଧା ସୁଯୋଗ ରହିଛି। ଆବଶ୍ୟକ ଭିତ୍ତିଭୂମି ରହିଛି। ରେଢାଖୋଲ, ନାକଟିଦେଉଳ, ଯୁଯୁମୁରା ବ୍ଲକ ଅଞ୍ଚଳର ଇଚ୍ଛୁକ ଯୁବତୀଯୁବକମାନେ ବିଭିନ୍ନ କାରଣରୁ ପାଠ ପଢା ଛାଡି ଦେଇଛନ୍ତି। ପଢିବାକୁ ଇଚ୍ଛା ଥିଲେ ମଧ ସମୟର ଅଭାବ ଓ ସୁବିଧା ନ ମିଳିବାରୁ ଶିକ୍ଷା ଲାଭ କରି ପାରୁନାହାନ୍ତି। ଏହା ଆଦିବାସୀ ଅଞ୍ଚଳ । ଏଣୁ ଛାତ୍ରୀଛାତ୍ର କମ୍ ଖର୍ଚ୍ଚରେ ପାଠ ପଢିବା ପାଇଁ ପାଠ୍ୟକ୍ରମ ଶିକ୍ଷା ସହ ବୈଷୟିକ ଶିକ୍ଷା ଦେବାର ବ୍ୟବସ୍ଥା କରାଯାଉ। ଏହି ଶିକ୍ଷାଦାନ ବ୍ୟବସ୍ଥାରେ ଯୁବତୀ ଯୁବକ ଓ ଏସଏଚଜି ମହିଳାମାନଙ୍କୁ ସାମିଲ କରାଯାଉ। ସେମାନେ ପାଠ ପଢିବା ପରେ ସ୍ୱାବଲମ୍ବୀ ହୋଇ ପାରିବେ । ଏହାଛଡା ଅଞ୍ଚଳର ଅର୍ଥନୀତି ଓ ସାମାଜିକ କ୍ଷେତ୍ରରେ ବିକାଶ ହେବ ବୋଲି କହିଥିଲେ। ଏବେ ନିକଟସ୍ଥ ଦେବଗଡ ଜିଲା ଓ ଅନୁଗୋଳ ଜିଲାରେ ଓଏସଓୟୁ ଅଧ୍ୟୟନ କେନ୍ଦ୍ର ରହିଛି। ତେବେ ରେଢାଖୋଲ, ନାକଟିଦେଉଳ, ଯୁଯୁମୁରା ଅଞ୍ଚଳର ଇଚ୍ଛୁକ ଯୁବତୀ ଯୁବକମାନେ ଯିବାକୁ ସମସ୍ୟା ହେଉଛି। ସେହିପରି ସମ୍ବଲପୁର ଅଧ୍ୟୟନ କେନ୍ଦ୍ର ମଧ ପ୍ରାୟ ୬୦ରୁ ୭୦ କିମି ଦୂରରେ ରହିଛି। ଗମନାଗମନର ସେଭଳି ସୁବିଧା ନାହିଁ। ଇଚ୍ଛା ଥିଲେ ମଧ ଛାତ୍ରୀଛାତ୍ରମାନେ ଖର୍ଚ୍ଚାନ୍ତ ହେବେ ବୋଲି ପାଠ ପଢାରୁ ଦୂରେଇ ଯାଉଛନ୍ତି। ଯଦି ରେଢାଖୋଲରେ କେନ୍ଦ୍ର ଖୋଲାଯିବ ତାହେଲେ ଏହି ଅଞ୍ଚଳ ସହିତ ରେଢାଖୋଲ ନିକଟ ବୌଦ୍ଧ ଓ ଅନୁଗୋଳ ଜିଲାର କେତେକ ଅଞ୍ଚଳର ଛାତ୍ରୀଛାତ୍ର ଉପକୃତ ହୋଇ ପାରିବେ। ଏହାଛଡା ଆଦିବାସୀବହୁଳ ରେଢାଖୋଲ ନିର୍ବାଚନ ମଣ୍ଡଳୀରେ ବିଭିନ୍ନ କାରଣରୁ ଅଧାରୁ ପାଠ ପଢାରେ ବାଧା ଉପୁଜିଥିବା ଯୁବତୀ ଯୁବକମାନଙ୍କୁ ସୁବିଧା ହୋଇଯିବ ବୋଲି କହିଥିଲେ। ଏ ସମ୍ପର୍କରେ କୁଳପତି ପ୍ରଫେସର ମହାପାତ୍ର କହିଛନ୍ତି ଯେ, ଆସନ୍ତା ୭ ଦିନ ଭିତରେ ଭୀମଭୋଇ କଲେଜରେ ଅଧ୍ୟୟନ କେନ୍ଦ୍ର ଖୋଲାଯିବ। ବିଧାୟକ ପୂଜାରୀଙ୍କ ଦାବି ଯଥାର୍ଥ। ରେଢାଖୋଲ ଅଞ୍ଚଳରେ କେନ୍ଦ୍ର ଖୋଲିବାରେ ସବୁ ମାପଦଣ୍ଡ ଭିତରେ ରହୁଛି। ପ୍ରଥମେ ଓଡିଆ, ଇତିହାସ, ଇଂରାଜୀ, ରାଜନୀତି ବିଜ୍ଞାନ, ଅର୍ଥନୀତି ଭଳି ପାଠ୍ୟକ୍ରମ ଉପରେ ଶିକ୍ଷାଦାନ ବ୍ୟବସ୍ଥା କରାଯିବ। ପରେ ବୈଷୟିକ ଶିକ୍ଷା ଉପରେ ମଧ ଫୋକସ କରାଯିବ। ଯୁବତୀଯୁବକ ମାନଙ୍କ ସହ ଏସଏଚଜି ମହିଳାମାନଙ୍କୁ ଶିକ୍ଷାଦାନ କରାଯିବାର ଲକ୍ଷ୍ୟ ରହିଛି। ଜିଲାରେ ପୂର୍ବରୁ ମୁଖ୍ୟକେନ୍ଦ୍ର ସହ କୁଚିଣ୍ଡା ଉପଖଣ୍ଡରେ କେନ୍ଦ୍ର ରହିଛି। ଏବେ ଜିଲାରେ କେନ୍ଦ୍ର ସଂଖ୍ୟା ୩ରେ ପହଞ୍ଚିଯିବ। ଆବଶ୍ୟକ ଫେକଲ୍ଟିମାନଙ୍କୁ ନିୟୋଜିତ କରାଯିବ। ଶିକ୍ଷାର ବିକାଶ ଦିଗରେ ଓଏସଓୟୁ କାମ କରୁଛି। ରାଜ୍ୟରେ ପୂର୍ବରୁ ବିଭିନ୍ନ ଶିକ୍ଷା ଅନୁଷ୍ଠାନ ଓ ମଣ୍ଡଳ କାରାଗାରକୁ ମିଶାଇ ୮୩ କେନ୍ଦ୍ର ଖୋଲାଯାଇଛି। ଆଗକୁ ଅଞ୍ଚଳ ଓ ଆବଶ୍ୟକତାକୁ ନେଇ କେନ୍ଦ୍ର ସଂଖ୍ୟା ବୃଦ୍ଧି କରାଯିବ ବୋଲି କହିଥିଲେ।

## ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ଗୁରୁତର

ଲହୁଣୀପଡ଼ା,(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ତାରିଣୀ ମନ୍ଦିର ନିକଟରେ ରବିବାର ସନ୍ଧ୍ୟା ପ୍ରାୟ ଛଅଟାରେ ଏକ ଅଜଣା ଗାଡି ଧକ୍କାରେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଥିବା ଜଣାପଡିଛି। ରାଜାମୁଣ୍ଡା ଗ୍ରାମର ଶଶୀଭୂଷଣ ପତି (୪୬) ବାଇକ ଓଆର ୧୪ ଜେ ୦୬୮୯ ଯୋଗେ ଆସୁଥିବା ବେଳେ ଏକ ଗାଡି ତାଙ୍କୁ ଧକ୍କା ଦେବାରୁ ବାଇକରୁ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ରାସ୍ତାରେ ଯାଉଥିବା ଲୋକ ଦେଖି ୧୦୮ ଆମ୍ବୁଲାନ୍ସ ଖବର ଦେବାରୁ ଆମ୍ବୁଲାନ୍ସ ପହଞ୍ଚି ଗୁରୁତର ଶଶିଭୂଷଣଙ୍କୁ ଡାକ୍ତରଖାନା ନେଇଥିଲେ।

**ସଂକ୍ଷେପରେ**

## ବିଦ୍ୟୁତ୍ ଟ୍ରାନ୍ସଫର୍ମରରୁ ପଡି ଯୁବକ ମୃତ

**ଲହୁଣୀପଡ଼ା,୩।୧୦(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ଶଙ୍ଖପୋଷ ପଞ୍ଚାୟତ ରେଙ୍ଗାଲବେଡା ଗ୍ରାମରେ ଜଣେ ଯୁବକ ଶନିବାର ରାତିରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଛନ୍ତି। ରେଙ୍ଗାଲବେଡା ଗ୍ରାମରେ ଶନିବାର ବିଦ୍ୟୁତ୍ ସମସ୍ୟା ଲାଗି ରହିଥିଲା। ଗ୍ରାମର ବ୍ରଜ କିଷାନଙ୍କ ପୁଅ କାନ୍ଦୁର (୨୪) ରାତିରେ ଟ୍ରାନ୍ସଫର୍ମର ଉପରକୁ ଉଠି ସଜାଡୁଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ତଳେ ପଡି ମୃତ୍ୟୁବରଣ କରିଥିଲେ। ଘଟଣା ରାତିରେ ଘଟି ଥିବାରୁ ଗ୍ରାମବାସୀ ଓ ପରିବାର ଲୋକ ବହୁ ବିଳମ୍ବରେ ଜାଣିବାକୁ ପାଇଥିଲେ। ଏସଂକ୍ରାନ୍ତରେ ଲହୁଣୀପଡ଼ା ପୋଲିସକୁ ସୂଚନା ଦେଇଥିଲେ। ଖବରପାଇ ଲହୁଣୀପଡ଼ା ପୋଲିସ ରବିବାର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଲହୁଣୀପଡ଼ା ଡାକ୍ତରଖାନାକୁ ପଠାଇଥିଲା।

## ଛଡ଼ ଚୋରି କରିଥିବା ୪ ଯୁବକଙ୍କୁ ଧରିଲେ ଗ୍ରାମବାସୀ

**ବଡ଼ଗାଁ,୩।୧୦(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଅଞ୍ଚଳରେ ଗତ କିଛିମାସ ହେଲା ବିଭିନ୍ନ ସ୍ଥାନରେ ଚୋରି ହୋଇଥିଲେ ମଧ ଚୋରଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି। ତେବେ କେତେକ ଯୁବକ ଚୋର ଦଳର ୪ଜଣଙ୍କୁ ଧରିବାରେ ସକ୍ଷମ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସ୍ଥାନୀୟ ଅଭିଳାସ ପାଣିଗ୍ରାହୀ(ଲୁଲୁ)ଙ୍କ ଘରୁ ଗତ ସପ୍ତାହ ନୂତନ ଗୃହ ନିର୍ମାଣ ପାଇଁ ରହିଥିବା ଲୁହା ଛଡ଼ ଚୋରି ହୋଇଥିଲା। ଏନେଇ ସେ ଥାନାରେ ଲିଖିତ ଜଣାଇଥିଲେ। ଏହା ପରେ ଲୁଲୁଙ୍କ ସହିତ କେତେକ ଯୁବକ ସୁରାକ ଲଗାଇ ବନ୍ଧଡ଼ିପାପଡ଼ାର କେତେଜଣ ଯୁବକ ଚୋରି କରିଥିବା ଓ ଲୁହାଛଡ଼ ଲୁଚାଇ ରଖିଥିବା ଜାଣି ପାରିଥିଲେ। ବନ୍ଧଡ଼ିପାର ପଙ୍କଜ ରୋହିଦାସ, ସୁନିଲ ଖଡ଼ିଆ, ରାଜନ ଖଣ୍ଡା, କଲିଆ ଖଡ଼ିଆଙ୍କୁ ପଚରାଉଚରା କରିବାରେ ସେମାନେ ଚୋରି କରିଥିବା ସ୍ୱୀକାର କରିବା ସହିତ ଆଦର୍ଶ ସ୍କୁଲ ନିର୍ମାଣ ସ୍ଥଳରୁ ଛଡ଼ ଚୋରି କରିଥିବା ଥାନାରେ ଜଣାଇଥିଲେ। ଏମାନେ ବଡ଼ଗାଁର ଜଣଙ୍କ ଦ୍ୱାରା ଚୋରି କାମରେ ନିୟୋଜିତ ହୋଇଥିଲେ ବୋଲି ଥାନାରେ ବଖାଣିଥିଲେ। ପୋଲିସ ୪ଜଣଙ୍କୁ ଗିରଫ କରିଛି। ଯାହାଙ୍କ ଦ୍ୱାରା ଚୋରି କରିଥିଲେ ସେ ଫେରାର୍ ଅଛନ୍ତି।

## ଏମ୍ସ ପ୍ରତିଷ୍ଠା ଦାବିରେ ପୋଷ୍ଟକାର୍ଡ ଅଭିଯାନ

**ସୁନ୍ଦରଗଡ଼,୩।୧୦(ଡି.ଏନ୍.ଏ):** ସୁନ୍ଦରଗଡ଼ରେ ଓଡିଶାର ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ଦାବିରେ ଗାନ୍ଧୀ ଜୟନ୍ତୀଠାରୁ ଜିଲା କଂଗ୍ରେସ କମିଟି ପକ୍ଷରୁ ପୋଷ୍ଟକାର୍ଡ ଅଭିଯାନ ଆରମ୍ଭ ହୋଇଛି। ଜିଲା କଂଗ୍ରେସ କମିଟି ସଭାପତି ବେଣୁମାଧବ ତ୍ରିପାଠୀଙ୍କ ନେତୃତ୍ୱରେ କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଶଙ୍କରା ଗୋଲେଇଛକରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଜିଲା ମୁଖ୍ୟ ଡାକଘର ସମ୍ମୁଖରେ ବସି ପୋଷ୍ଟକାର୍ଡ ଅଭିଯାନ ଆରମ୍ଭ କରିଥିଲେ। କଂଗ୍ରେସ କର୍ମୀ ଓ ଜନସାଧାରଣ ଏମ୍ସ ପ୍ରତିଷ୍ଠା ଦାବି ନେଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପୋଷ୍ଟକାର୍ଡ ଲେଖି ପଠାଇଥିଲେ। ପିସିସି ସାଧାରଣ ସମ୍ପାଦକ ରାଜକିଶୋର ଷଡଙ୍ଗୀ, ବରିଷ୍ଠ ଆଇନଜୀବୀ ନିମାଇଁ ଚରଣ ନାଏକ, କାଳୀପଦ ସାମଲ, ବିଶ୍ୱଜିତ ପଟ୍ଟନାୟକ, ନେପାଳ ଚନ୍ଦ୍ର ସାହୁ ପ୍ରମୁଖ ନେତୃବୃନ୍ଦ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୪୨ ସଫେଇ କର୍ମଚାରୀଙ୍କୁ ସମ୍ମାନିତ

**ବ୍ରଜରାଜନଗର,୩।୧୦ (ଡି.ଏନ.ଏ.):** ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଭାଜପା ମଣ୍ଡଳ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୧ତମ ଜନ୍ମ ଦିବସ ଉପଲକ୍ଷେ "ସେବା ଓ ସମର୍ପଣ" ଅଭିଯାନରେ ସ୍ଥାନୀୟ ଲମଟିବାହଲ ଜ୍ୟୋତି କ୍ଲବଠାରେ ୪୨ ସଫେଇ କର୍ମଚାରୀଙ୍କୁ ରବିବାର ସମ୍ମାନିତ କରାଯାଇଛି। ବରଗଡ଼ ସାଂସଦ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ରଜରାଜନଗର ଅଞ୍ଚଳର ୪୨ ସଫେଇ କର୍ମଚାରୀଙ୍କୁ ମାନପତ୍ର ଉପଢୌକନ ଦେଇ ସମ୍ମାନିତ କରିଥିଲେ। ପ୍ରଥମେ ଗାନ୍ଧୀଜୀଙ୍କ ଜନ୍ମଦିନ ଉପଲକ୍ଷେ ଜ୍ୟୋତି କ୍ଲବ ସମ୍ମୁଖରେ ଥିବା ପ୍ରତିମୂର୍ତ୍ତିରେ ସାଂସଦ ସୁରେଶ ପୂଜାରୀ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଜ୍ୟୋତି କ୍ଲବ ପରିସରରେ ଏକ ସଭା ଆୟୋଜନ କରାଯାଇଥିଲା। ବ୍ରଜରାଜନଗର ଭାଜପା ମଣ୍ଡଳ ସଭାପତି ରୁକ୍ମିଣ ଧୁରୁଆ ସଭାପତିତ୍ୱ କରିଥିଲେ। ସଭାରେ ମଞ୍ଚାସୀନ ଅତିଥି ଭାବେ ବରଗଡ଼ ସାଂସଦ ସୁରେଶ ପୂଜାରୀ, ରଘୁନନ୍ଦନ ପଣ୍ଡା ସୁନିଲ ଦାସ, ପ୍ରେମାନନ୍ଦ ସୁହୁରା, ରସାନନ୍ଦ ଯାଦବ, ପ୍ରକାଶ ବର୍ମା ମଞ୍ଚାସୀନ ଥିଲେ। ଅମରେନ୍ଦ୍ର ରାୟ ମଞ୍ଚ ପରିଚାଳନା କରିଥିଲେ।

# ଗଳ୍ପ ହିଁ ଜୀବନର ପ୍ରତିବେଦନ

**ସୁନ୍ଦରଗଡ, ୩।୧୦(ଡି.ଏନ୍.ଏ.)**



ଗଳ୍ପ ମହୋତ୍ସବରେ ଯୋଗଦେଇଥିବା ଅତିଥି।

■ସାହିତ୍ୟ ଅନୁଷ୍ଠାନ ଅରଣ୍ୟା ପକ୍ଷରୁ ଗଳ୍ପ ମହୋତ୍ସବ
■ରାଉରକେଲା, ଝାରସୁଗୁଡ଼ାରୁ ବହୁ ସାହିତ୍ୟିକଙ୍କ ଯୋଗଦାନ

ସାହିତ୍ୟ ଏକ ସୁକ୍ଷ୍ମ ମନସ୍ତାତ୍ତ୍ୱିକ ଅଧ୍ୟୟନ। ଗଳ୍ପ ସାହିତ୍ୟର ଶ୍ରେଷ୍ଠ ବିଭବ। ଜୀବନମୂଲ୍ୟକୁ ଆଧାର କରି ସୃଷ୍ଟି ହୋଇଥିବା ଗଳ୍ପ ହିଁ କାଳଜୟୀ ବୋଲି ରବିବାର ସୁନ୍ଦରଗଡ ପବ୍ଲିକ ସ୍କୁଲ ଠାରେ ସାହିତ୍ୟ ଅନୁଷ୍ଠାନ ଅରଣ୍ୟା ପକ୍ଷରୁ ଆୟୋଜିତ ଗଳ୍ପ ମହୋତ୍ସବରେ ଅତିଥିମାନେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ସୁନ୍ଦରଗଡ଼ ଲେଖକ ସାମ୍ମୁଖ୍ୟର ସଭାପତି ତଥା ବର୍ଷୀୟାନ ସାହିତ୍ୟିକ ଭୂପେନ୍ ମହାପାତ୍ର ମୁଖ୍ୟ ଅତିଥି ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ଉପସଭାପତି ତଥା ବିଶିଷ୍ଟ ଗାଳ୍ପିକ ଗିରି ଦଣ୍ଡସେନା ଏହି ଗଳ୍ପ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ମହାପାତ୍ର ତାଙ୍କ ବକ୍ତବ୍ୟରେ ପ୍ରଗତିଶୀଳ ସାହିତ୍ୟ ସୃଷ୍ଟି ଦ୍ୱାରା ସମାଜର ବିକାଶ ସମ୍ଭବ ବୋଲି କହିଥିଲେ। ସମ୍ମାନିତ ଅତିଥି ଗାଳ୍ପିକ ଦଣ୍ଡସେନା ମାନବବାଦୀ ସାହିତ୍ୟ ହିଁ ଚିରନ୍ତନ ସାହିତ୍ୟ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଓଡିଶାର ବର୍ଷୀୟାନ ସାହିତ୍ୟିକ ରାଜକିଶୋର ମିଶ୍ରଙ୍କ ବିୟୋଗରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଅରଣ୍ୟର ସମ୍ପାଦକ ବିଶିଷ୍ଟ ଗାଳ୍ପିକ ରାଜକିଶୋର ଷଡଙ୍ଗୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଗଳ୍ପ ହିଁ ମାନବ ଜୀବନର ପ୍ରତିବେଦନ ବୋଲି ମତବ୍ୟକ୍ତ କରିଥିଲେ। ଓଡିଶା ସାହିତ୍ୟ ଏକାଡେମୀର ସୁନ୍ଦରଗଡ଼ ଜିଲା ସଦସ୍ୟା ଅଧ୍ୟାପିକା ଡ.ସୁପ୍ରିୟା ପାଲ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅଧ୍ୟାପକ ଡ. ଭଗବାନ ପଟେଲ, ଗୀତି କବି ଗୋପକୃଷ୍ଣ ନାୟକ ଓ ଅଧ୍ୟାପିକା ସୁସ୍ମିତା ଭୋଇ ପଠିତ ଗଳ୍ପଗୁଡିକର ସମୀକ୍ଷା କରିଥିଲେ। ଏହି ଗଳ୍ପପାଠୋତ୍ସବରେ ଲଳିତା ଖଣ୍ଡା, ମଞ୍ଜୁଳା ରଥ, ବିଜୟିନୀ ଜେନା, ରଶ୍ମିବାଳା ରାଉତରାୟ, ଶୁଭଶ୍ରୀ ରାୟ, ଅଧ୍ୟାପିକା ପ୍ରଣତି ବେହେରା, ମମତା ପ୍ରିୟଦର୍ଶିନୀ ସାହୁ, ଜ୍ୟୋତ୍ସ୍ନାରାଣୀ ସାହୁ, ଗଣେଶ ତ୍ରିପାଠୀ, ସୁଭାଶୀଷ ପାଢୀ, ସୌରଭ ମିଶ୍ର, ଶୁଭମ ନାଏକ, ସୁବ୍ରତ ମିଶ୍ର, ପ୍ରତାପ ପଟ୍ଟନାୟକ, ଜୀବଶ୍ୱେରୀ ପଟେଲଙ୍କ ସମେତ ରାଉରକେଲା, ସୁନ୍ଦରଗଡ, ଝାରସୁଗୁଡାର ବହୁସାହିତ୍ୟିକ ଯୋଗଦେଇ ସ୍ୱରଚିତ ଗଳ୍ପ ପାଠ କରିଥିଲେ। ଅଧ୍ୟାପିକା ମିନତି ମିଶ୍ର ଓ ଯୁବ ଗାଳ୍ପିକ ବିବିଧ ବିଶ୍ୱ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ବୃଦ୍ଧାଙ୍କୁ ମିଳିଲାନି ଚାରି କାନ୍ଧ

**ଦେବଗଡ଼,୩।୧୦(ଡି.ଏନ୍.ଏ.)**

**ଶବଦାହ କଲେ ଭାଜପା ଏସ୍‌ସି ମୋର୍ଚ୍ଚା କର୍ମୀ**

ଦେବଗଡ଼ ପୌରାଞ୍ଚଳ ଅନ୍ତର୍ଗତ ଆର୍‌ସିଏମ୍ଏସ୍ ସାହିର ବିଧବା ବୃଦ୍ଧା ଖଇରୀ ପାତ୍ର(୬୫)ଙ୍କର ରବିବାର କର୍କଟ ରୋଗରେ ମୃତ୍ୟୁ ଘଟିଥିଲା। ମାତ୍ର ସମ୍ପୃକ୍ତ ବୃଦ୍ଧାଙ୍କୁ ପୂର୍ବରୁ କୌଣସି କାରଣରୁ ସାମାଜିକ ବାସନ୍ଦ କରାଯାଇଥିବା ଦର୍ଶାଇ ଆତ୍ମୀୟସ୍ୱଜନ, ପଡ଼ୋଶୀ ଏବଂ ଜାତି ସମାଜ ଲୋକେ ତାଙ୍କୁ କାନ୍ଧ ଦେବା ପାଇଁ ରାଜି ହୋଇ ନ ଥିଲେ। ଫଳରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଖଇରୀଙ୍କ ମୃତଦେହ ପଡ଼ିରହିଥିଲା। ଏ ସମ୍ପର୍କରେ କୌଣସି ସୂତ୍ରରୁ ସୂଚନା ପାଇ ଦେବଗଡ଼ ଜିଲା ଭାଜପା ଏସ୍‌ସି ମୋର୍ଚ୍ଚା ସଭାପତି ପ୍ରଜିତ ଭୋଜଙ୍କ ଉଦ୍ୟମ କ୍ରମେ ଏକ ଅଟୋରିକ୍ସା ଯୋଗେ ବୃଦ୍ଧାଙ୍କ ମୃତଦେହ ପ୍ରଧାନପାଟସ୍ଥିତ ସ୍ୱର୍ଗଦ୍ୱାରକୁ ଆଣି ସସମ୍ମାନେ ଦାହ କରାଯାଇଥିଲା। ଏହି ଶବଦାହ ସମୟରେ ଜିଲା ଭାଜପା ଏସ୍‌ସି ମୋର୍ଚ୍ଚା ସଭାପତି ଭୋଜଙ୍କ ସମେତ ସାଧାରଣ ସମ୍ପାଦକ ଦେବାନନ୍ଦ ନାଏକ, ନଗର ସଭାପତି ଶତ୍ରୁଘ୍ନ ପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁରୁ ପାତ୍ର, ମହାଦେବ ନାଏକ, ସତ୍ୟ ନାଏକ ଓ ଡମ୍ବରୁ ପାତ୍ରଙ୍କ ସମେତ ବହୁ ସଦସ୍ୟ ଅଂଶଗ୍ରହଣ କରିଥିଲେ।


ଭାଜପା ଏସ୍‌ସି ମୋର୍ଚ୍ଚା କର୍ମକର୍ତ୍ତା ଶବଦାହ କରୁଛନ୍ତି।

# ଫୁଟ୍‌ବଲ୍ ଟୁର୍ନାମେଣ୍ଟ: ସୁଗୁଡ଼ା ଚାମ୍ପିୟନ


ମନୋଜ ମେମୋରିଆଲ ଫୁଟବଲ୍ ଟୁର୍ନାମେଣ୍ଟ ଉଦ୍‌ଯାପନୀରେ ଅତିଥିଙ୍କ ସହ ଖେଳାଳି।

**ଦେବଗଡ଼,୩।୧୦(ଡି.ଏନ.ଏ.)**

ମନୋରମା କ୍ଲବ୍ ଆନୁକୂଲ୍ୟରେ ଦୁଇ ଦିନ ଧରି ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡ଼ିୟମଠାରେ ଚାଲିଥିବା ମନୋଜ ମେମୋରିଆଲ ଫୁଟବଲ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ କୁଣ୍ଡାପିଠା ଓ ସୁଗୁଡ଼ା ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଫଳରେ ସୁଗୁଡ଼ା ଦଳ ଟ୍ରାଇବେକର ଜରିଆରେ ୭-୫ ଗୋଲରେ କୁଣ୍ଡାପିଠା ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ମୁଖ୍ୟ ଅତିଥିଭାବେ ଦେବଗଡ଼ ବିଜେଡ଼ି ଦଳର ନଗର ସଭାପତି ଶୁକଦେବ ଭଞ୍ଜ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ସର୍ଜେଣ୍ଟ ଗୋବିନ୍ଦ ଚନ୍ଦ୍ର ମାରାଣ୍ଡି, ଜିଲା କ୍ରୀଡ଼ା ସଂସଦ କବାଡ଼ି ସମ୍ପାଦକ ସୁବାସ ଚନ୍ଦ୍ର ଭୋଇ ତଥା ସ୍ୱର୍ଗତ ମନୋଜଙ୍କ ପିତା ହାଡ଼ିବନ୍ଧୁ ନାଏକ ପ୍ରମୁଖ ମଞ୍ଚାସୀନ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହାସହ ଉଭୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସୁଜିତ୍ ଝାଙ୍କର, ସୁଧିର ଦାସ, ମୁକୁନ୍ଦ ପ୍ରସାଦ ବେହେରା, କିଶୋର ବେହେରା, ପଦ୍ମଚରଣ ଗୁରୁ, ପ୍ରଶାନ୍ତ ଭୋଇଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ବରିଷ୍ଠ ଭାଷ୍ୟକାର ବେଣୁଧର ଗଡ଼ନାୟକ ଧାରାବିବରଣୀ ପ୍ରଦାନ କରିଥିଲେ।

## ଜମି ଅଧିଗ୍ରହଣ କରାଇ ନ ଦେବା ପାଇଁ ଶପଥ

**ରାଜଗାଙ୍ଗପୁର ଅଲଣ୍ଡାରେ ଆଦିବାସୀ ଜନଜାଗରଣ ବୈଠକ**

**ରାଜଗାଙ୍ଗପୁର, ୩।୧୦(ଡି.ଏନ.ଏ.)**

ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ ଅଲଣ୍ଡାଠାରେ ରବିବାର ରାଜଗାଙ୍ଗପୁର ୫ଟି ପଞ୍ଚାୟତର ଅଧିବାସୀ ତଥା କୁତ୍ରା ଅଞ୍ଚଳର କିଛି ପଞ୍ଚାୟତର ଅଧିବାସୀଙ୍କୁ ନେଇ ଏକ ଜନଜାଗରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜମି ଅଧିଗ୍ରହଣ କରାଇ ନ ଦେବା ପାଇଁ ଉପସ୍ଥିତ ଲୋକେ ଶପଥ ନେଇଥିଲେ। ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ପ୍ରଫୁଲ୍ଲ ସାମନ୍ତରାୟ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବୀରମିତ୍ରପୁର ବିଧାୟକ ଜର୍ଜ ତିର୍କୀ, ରାଜଗାଙ୍ଗପୁର ବିଧାୟକ ଡାକ୍ତର ସି.ଏସ ରାଜନ ଏକ୍କା, ଖଣିଅଞ୍ଚଳ ପ୍ରଭାବିତ ସଭାପତି ସୁଶୀଲ କୁମାର ଲାକ୍ରା, ସରପଞ୍ଚ ଆସ୍ରିତା କୁଜୁର, ସରପଞ୍ଚ ରିଲାସୁସିଲା ଏକ୍କା, ସରପଞ୍ଚ ଲିଲି ସୁକାନ୍ତି ଯୋଗ ଦେଇଥିଲେ। ଜମି ଅଧିଗ୍ରହଣ ପାଇଁ ଗ୍ରାମସଭା ମନାକରିବା ସତ୍ତ୍ୱେ, ଜିଲା ପ୍ରଶାସନ ବାରମ୍ବାର ନୋଟିସ ଜାରି କରି ଗ୍ରାମସଭାକୁ ଅବମାନନା କରୁଛି। ଅନ୍ୟାୟ ଭାବେ ସରକାର ଓ ଜିଲା ପ୍ରଶାସନ ଜମି ଅଧିଗ୍ରହଣ କରିବା ପାଇଁ ଚାହୁଁଛନ୍ତି। ଗ୍ରାମସଭାକୁ ସ୍ୱୀକୃତି ଦେଉନାହାନ୍ତି, ଏହାର ଘୋର ବିରୋଧ କରାଯାଉଛି। ଯେପର୍ଯ୍ୟନ୍ତ ଆଦିବାସୀ ଚାହିଁନାହାନ୍ତି ସେ ପର୍ଯ୍ୟନ୍ତ ସରକାର ଜମି ନେଇପାରିବେ ନାହିଁ ବୋଲି ମତ ପ୍ରକାଶ କରିଥିଲେ। ଏହି ବୈଠକରେ ବିରବଲ ଟପ୍ପୋ ବିବରଣୀ ପାଠ କରିଥିଲେ। ବିନୟ ବାର୍ଲା ପରିଚାଳନା କରିଥିବା ବେଳେ ଅଶୋକ ମିଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ବଡ଼ଗାଁ,୩।୧୦(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କାଥରିନା ଖାଲଖୋଙ୍କୁ ଗୁରୁବାର ଅବସରକାଳିନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ କବି ଛବିଳ ସେଠ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଖାଲଖୋଙ୍କ ସମୟାନୁବର୍ତ୍ତିତା ନିରାଡମ୍ବର ଜୀବନଶୈଳୀ ଉପରେ ଅତିଥି, ଶିକ୍ଷୟିତ୍ରୀ ଶିକ୍ଷକମାନେ ଆଲୋଚନା କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ସ୍କୁଲର ବରିଷ୍ଠ ଶିକ୍ଷକ ଅରୁଣ କୁମାର ପଟ୍ଟନାୟକଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ପିଇଟିପ୍ରଭାତ କୁମାର ଦ୍ୱାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ପରିଦର୍ଶନ କଲେ ମଙ୍ଗଳା ଓ ବିନୟ

**କୁତ୍ରା,୩।୧୦(ଡି.ଏନ.ଏ)**

**ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମ**

୫-ଟି ଅଧିନରେ ସୁନ୍ଦରଗଡ ଜିଲା କୁତ୍ରା ସରକାରୀ ଉଚ୍ଚ ବିଦ୍ୟାଳୟର ରୂପାନ୍ତରୀକରଣ କାର୍ଯ୍ୟକ୍ରମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହାକୁ ପରିଦର୍ଶନ କରିବା ପାଇଁ ବିଦ୍ୟାଳୟର ଆଲୁମିନି ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନ ଓ ସ୍ୱତନ୍ତ୍ର ବିକାଶ ପରିଷଦ ଅଧକ୍ଷ ବିନୟ ଟପ୍ପୋ ଶୁକ୍ରବାର ଦିନ ଗସ୍ତରେ ଆସିଥିଲେ। ବିଦ୍ୟାଳୟର ନୂତନ ସ୍ମାର୍ଟ ବିଜ୍ଞାନଗାର, କମ୍ପ୍ୟୁଟର ଗୃହ, ସ୍ମାର୍ଟ ଲାଇବ୍ରେରୀ, ସ୍ମାର୍ଟ ଶ୍ରେଣୀ ଗୃହ ପରିଦର୍ଶନ କରି ବେଶ ଖୁସି ବ୍ୟକ୍ତ କରିଥିଲେ। ଏହା ସହ ବିଦ୍ୟାଳୟର ସୌନ୍ଦର୍ଯ୍ୟକରଣ କାର୍ଯ୍ୟକ୍ରମ ଦେଖି ପ୍ରଶଂସା କରିଥିଲେ। ରୂପାନ୍ତରୀକରଣ କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମାଞ୍ଚଳର ମେଧାବୀ ଛାତ୍ରୀଛାତ୍ରଙ୍କ ମନରେ ପ୍ରତିଯୋଗୀ ମନୋଭାବ ସୃଷ୍ଟି କରିବ। ବିଦ୍ୟାଳୟର ସୌନ୍ଦର୍ଯ୍ୟକରଣ ଦେଖି ସ୍ୱତନ୍ତ୍ର ବିକାଶ ପରିଷଦ ଅଧକ୍ଷ ବିନୟ ଟପ୍ପୋ ଅଭିଭୂତ ବୋଲି କହିଲେ। ଏହି ପରିଦର୍ଶନ କାଳରେ ସାଥିରେ ଡାଲମିଆ ଭାରତ ସିମେଣ୍ଟ ଖଣିର ସିଏସ୍ଆର ନିର୍ଦ୍ଦେଶକ ଡ.ନିଳାଦ୍ରି ଭୂଷଣ ପାଢୀ, ସିଏସଆର ସିନିୟର ମ୍ୟାନେଜର ତପନ କୁମାର ନାୟକ, ମୋ ସ୍କୁଲ ଅଭିଯାନ ସଭାପତି ଶଙ୍କରପ୍ରଶାଦ ଟପ୍ପୋ, ଆଲୁମିନି ପ୍ରଶାନ୍ତ ସାହୁ, ରାଜେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ, କୃତୀ ଶିକ୍ଷକ ବିଭୀଷଣ ବାରିକ ପ୍ରମୁଖ ଉପସ୍ଥିତ ରୂପାନ୍ତରିକରଣର ସବିଶେଷ ବିବରଣୀ ପ୍ରଦାନ କରିଥିଲେ ।


ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନ ଓ ସ୍ୱତନ୍ତ୍ର ବିକାଶ ପରିଷଦ ଅଧକ୍ଷ ବିନୟ ଟପ୍ପୋ ରୂପାନ୍ତରୀକରଣ କାର୍ଯ୍ୟ ଦେଖୁଛନ୍ତି।

# ଖେଳାଳିଙ୍କୁ ହକି ଷ୍ଟିକ୍, ପୋଷାକ ବିତରଣ

**ଦେବଗଡ଼,୩।୧୦(ଡି.ଏନ୍.ଏ.)**


କାର୍ଯ୍ୟକ୍ରମରେ ଯୋଗଦେଇଥିବା ହକି ଖେଳାଳି।

ଦେବଗଡ଼ ଜିଲା ବିଜୁ ଜନତା ଦଳ ପକ୍ଷରୁ ରବିବାର ତିଲେଇବଣି ବ୍ଲକ ଅନ୍ତର୍ଗତ ବଣିଆଁକିଲିଣ୍ଡା, କଲଣ୍ଡା, ଛେପିଲିପାଲି, ସୁଗୁଡା ଓ ବଡଛାପଲ ଗ୍ରାମ ପଞ୍ଚାୟତର ହକି ଖେଳାଳିମାନଙ୍କୁ ପୋଷାକ ଏବଂ ହକି ଷ୍ଟିକ ପ୍ରଦାନ କରାଯାଇଛି। ଜିଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ବଣିଆଁକିଲିଣ୍ଡା ଗ୍ରାମ ପଞ୍ଚାୟତର ନିକ୍ତିମାଳସ୍ଥିତ ଶ୍ରୀଶ୍ରୀ ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ସୁଶାନ୍ତ ସିଂ ଯୋଗଦେଇ ହକି ଖେଳାଳିମାନଙ୍କୁ ପୋଷାକ ଏବଂ ହକି ଷ୍ଟିକ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ନରେନ୍ଦ୍ର ଗଙ୍ଗଦେବ, ନଗର ବିଜେଡି ସଭାପତି ଶୁକଦେବ ଭଞ୍ଜ, ଜିଲା ଯୁବ ବିଜେଡି ସଭାପତି ପ୍ରତାପ ଦେବ, ଜିଲା ଛାତ୍ର ବିଜେଡି ସଭାପତି ଭବାନୀ ଶଙ୍କର ସାହୁ ଓ ବରିଷ୍ଠ ବିଜେଡି ନେତା ବିକାଶ କୁମାର ପ୍ରଧାନଙ୍କ ସମେତ ବିଜେଡିଦଳର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ପ୍ରତ୍ୟେକ ବ୍ଲକରେ ହେବ ଭିନ୍ନକ୍ଷମ ପଞ୍ଜୀକରଣ

**ଝାରସୁଗୁଡ଼ା ଅଫିସ, ୩।୧୦**

ଜିଲାର ସମସ୍ତ ସହରାଞ୍ଚଳ ଓ ବ୍ଲକରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜନ କରାଯିବା ସହିତ ଦିବ୍ୟାଙ୍ଗଙ୍କ ପଞ୍ଜୀକରଣ ଓ ପ୍ରମାଣପତ୍ର ବଣ୍ଟନ କରାଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଘୋଷଣା କରାଯାଇଛି। ବ୍ରଜରାଜନଗର ବିକାଶ ମଞ୍ଚ ପକ୍ଷରୁ ଗାନ୍ଧୀ ଜୟନ୍ତୀ ଅବସରରେ କରାଯାଇଥିବା ଆନ୍ଦୋଳନ ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମୌଖିକ ପ୍ରତିଶ୍ରୁତି ଦିଆଯିବା ପରେ ବିଧିବଦ୍ଧ ବିଜ୍ଞପ୍ତି ମଧ୍ୟ ପ୍ରକାଶିତ କରାଯାଇଛି। ସାଧାରଣତଃ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ ଭିନ୍ନକ୍ଷମ ପଞ୍ଜୀକରଣ କରାଯାଇଥାଏ। ତେବେ କୋଭିଡ ସମୟରେ ପଞ୍ଜୀକରଣ ବାତିଲ ଥିବାରୁ ପଞ୍ଜୀକରଣ କରି ନ ପାରି ଅନେକ ଯୋଗ୍ୟ ହିତାଧିକାରୀ ସରକାରୀ ଯୋଜନାରୁ ବଞ୍ଚିତ ରହିଛନ୍ତି। ତାଛଡ଼ା ଝାରସୁଗୁଡ଼ା ଆସି ପଞ୍ଜୀକରଣ କରିବା ସମସ୍ତ ଭିନ୍ନକ୍ଷମଙ୍କ ପକ୍ଷେ ସହଜ କାର୍ଯ୍ୟ ନୁହେଁ। ଏହି ପ୍ରସଙ୍ଗକୁ ନେଇ ବିକାଶ ମଞ୍ଚର ସଭାପତି ରବି ସୋନୀଙ୍କ ନେତୃତ୍ୱରେ ଗାନ୍ଧି ଜୟନ୍ତୀ ଦିନ ଦିବ୍ୟାଙ୍ଗ ଅଧିକାର ଯାତ୍ରା କରାଯିବା ସହ ବସଷ୍ଟାଣ୍ଡ ନିକଟ ଗାନ୍ଧୀ ମୂର୍ତ୍ତି ନିକଟରେ ଧାରଣା ପ୍ରତିବାଦ ଆରମ୍ଭ କରାଯାଇଥିଲା। ବିରୋଧ ପ୍ରଦର୍ଶନରେ ଜୀବନ ସାର୍ଥକ ଦାସଙ୍କ ସମେତ ଜିଲା କଂଗ୍ରେସ ଓ ଯୁବ କଂଗ୍ରେସର କର୍ମକର୍ତ୍ତା, ଭାଜପାର ବରିଷ୍ଠ କର୍ମକର୍ତ୍ତା, ସାମାଜିକ କାର୍ଯ୍ୟକର୍ତ୍ତା ସତ୍ୟନାରାୟଣ ରାଓ ଏବଂ ଅଜିତ ରଥ ଆନ୍ଦୋଳନକୁ ସମର୍ଥନ କରିଥିଲେ। ସନ୍ଧ୍ୟା ପ୍ରାୟ ୬ଟା ୪୫ରେ ଜିଲା ସାମାଜିକ କଲ୍ୟାଣ ଅଧିକାରୀଙ୍କ ସହିତ ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ସୁପ୍ରଭା ବାରିକ ଏବଂ ସିଡିଏମଓ କାର୍ଯ୍ୟାଳୟର ବିଭାଗୀୟ ଅଧିକାରୀ ଏ.କେ ଗୁରୁ ଆନ୍ଦୋଳନ ସ୍ଥଳରେ ପହଞ୍ଚି ଆଲୋଚନା କରିବା ସହିତ ଆଗାମୀ ଦିନରେ ଭିନ୍ନକ୍ଷମ ପଞ୍ଜୀକରଣ ଶିବିରର ବିକେନ୍ଦ୍ରୀକରଣ କରାଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଫଳରେ ଆନ୍ଦୋଳନ ପ୍ରତ୍ୟାହାର କରାଯାଇଥିଲା।

# ଫୁଟ୍‌ବଲ ଟୁର୍ନାମେଣ୍ଟ: ଉଦିତନଗର ଟିମ୍ ବିଜୟୀ

**କୁଆଁରମୁଣ୍ଡା,୩।୧୦(ଡି.ଏନ.ଏ.)**


ପସରା ଓ ଉଦିତ୍‌ନଗର ଟିମ୍‌ର ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଓଡ଼ିଶା-ଝାଡଖଣ୍ଡ ସୀମାନ୍ତବର୍ତ୍ତୀ କୁଆଁରମୁଣ୍ଡା ବ୍ଲକ ଝାରବେଡ଼ା ପଞ୍ଚାୟତର କାରିଛାପଲ ଖେଳ ପଡ଼ିଆରେ ଗତ ୨ ଦଶନ୍ଧି ଧରି ଗାନ୍ଧି ଜୟନ୍ତୀ ଅବସରରେ ଡିୟର କ୍ଲବ ପକ୍ଷରୁ ଫୁଟ୍‌ବଲ୍ ଟୁର୍ନାମେଣ୍ଟ ଆୟୋଜିତ ହୋଇଆସୁଛି। ଅନୁରୂପଭାବେ ଚଳିତବର୍ଷ ଗାନ୍ଧୀ ଜୟନ୍ତୀରେ ୨୧ତମ ଫୁଟବଲ ଟୁର୍ନାମେଣ୍ଟ ମୋଟ ୩୨ଟି ଟିମ୍‌କୁ ନେଇ ଅନୁଷ୍ଠିତ ହୋଇଛି। ଶୁକ୍ରବାର ଉଦ୍‌ଘାଟନୀ ମ୍ୟାଚରେ ପସରା ଓ ଉଦିତ୍‌ନଗର ଟିମ୍ ପରସ୍ପରକୁ ଭେଟିଥିଲେ। ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶରେ ଉଭୟ ଦଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଗୋଲ ଦେବା ପାଇଁ ଉଭୟ ଟିମ୍ ମଧ୍ୟରେ କଡ଼ା ଟକ୍କର ହୋଇଥିଲେ ମଧ୍ୟ ଶେଷରେ ପସରା ଟିମ୍ ପରାଜିତ ହୋଇଥିଲା। ଉଦିତ୍‌ନଗର ଟିମ୍ ୨-୦ ଗୋଲରେ ବିଜୟୀ ଘୋଷିତ ହୋଇଥିଲା। ଏହି ଉଦ୍‌ଘାଟନୀ ମ୍ୟାଚର ପ୍ରାରମ୍ଭରେ ମୁଖ୍ୟ ଅତିଥିଭାବେ ନୂଆଗାଁ ଲ୍ୟାମ୍ପ ସଭାପତି ସୁଶିଲ କୁମାର ଟପ୍ପୋ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଝାରବେଡ଼ା ସରପଞ୍ଚ ମାଥିଆସ ଲାକ୍ରା, ପୂର୍ବତନ ସମିତି ସଭ୍ୟ ଗୌତମ ନାଏକ ପ୍ରମୁଖ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଡିୟର କ୍ଲବ ସଭାପତି ରାଜୁ ଓରାମ, ଉପସଭାପତି ପ୍ରେମପ୍ରକାଶ ତିର୍କୀ, ସମ୍ପାଦକ ଅଜୟ କୁମାର ଓରାମଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଥିଲା। ଉଦ୍‌ଘାଟନୀ ମ୍ୟାଚରେ କ୍ରୀଡା ପରିଚାଳନା କରିଥିଲେ ସାନିକା ଓରାମ, ଜାମିର ଓରାମ ଖାଲଖୋ। ସୂଚନାଥାଉକି, ଏହି ଟୁର୍ନାମେଣ୍ଟରେ ମୋଟ ୩୨ଟିମ୍ ମଧ୍ୟରୁ ପଡୋଶୀ ଝାଡଖଣ୍ଡର ସିମଡେଗା ଜିଲାର ମଧ୍ୟ କେତେକ ଟିମ୍ ପ୍ରତିବର୍ଷ ଅଂଶ ଗ୍ରହଣ କରିଥାଆନ୍ତି ବୋଲି ଆୟୋଜକ ଡିୟର କ୍ଲବର ସଭାପତି ରାଜୁ ଓରାମ କହିଛନ୍ତି।

## ମାଗଣା ଆଇନ ସେବା ପାଇଁ ସଚେତନତା ରାଲି

ସୋନପୁର,(ନି.ପ୍ର.): ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ଜାତୀୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ ଏକ ଆଇନ ସଚେତନତା ରାଲି ରବିବାର ଅନୁଷ୍ଠିତ ହୋଇଯାଇଛି । ମାଗଣାରେ ଆଇନ ସେବା ପ୍ରଦାନ ପାଇଁ ଜନସାଧାରଣଙ୍କୁ ଏହି ରାଲି ଜରିଆରେ ସଚେତନ କରାଯାଇଥିଲା। ଏହି ରାଲି ଜିଲା ନ୍ୟାୟାଳୟ ପରିସରରୁ ବାହାରି ସହର ପରିକ୍ରମା କରିଥିଲା। ସଚେତନତା କାର୍ଯ୍ୟକ୍ରମ ୪୫ଦିନ ଧରି ଚାଲିବ। ଜିଲାଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧକ୍ଷ ଅରୁଣ କୁମାର ମଲ୍ଲିକ, ଅତିରିକ୍ତ ଜିଲା ଦୌରାଜଜ୍ ମାନସ ରଞ୍ଜନ ରଥ, ସିଜେଏମ ସତ୍ୟବ୍ରତ ମିଶ୍ର, ରେଜିଷ୍ଟ୍ରାର ସୁବ୍ରତ ଆଚାର୍ଯ୍ୟ, ଡିଏଲଏସଏ ସମ୍ପାଦିକା ସସ୍ମିତା ମିଶ୍ର ଓ ଏସଡିଜେଏମ ସୁନିତା ରାଉତ ଏହି ଅବସରରେ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ଭାଜପା ଦେଓଗାଁ ମଣ୍ଡଳର ନୂଆଁଖାଇ ଭେଟ୍‌ଘାଟ

ଦେଓଗାଁ,୩।୧୦ (ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ୧୩ନଂ ଜୋନ ଅନ୍ତର୍ଗତ ପର୍ଯ୍ୟଟନସ୍ଥଳ ଭୀମ ଡୁଙ୍ଗୁରିରେ ରବିବାର ଭାଜପା ଦେଓଗାଁ ମଣ୍ଡଳର ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ନେତା ଡା.ଶଶୀଭୂଷଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ କଳାକାର ଶତୃଘ୍ନ ବେହେରା ଯୋଗଦେଇଥିଲେ। କୁଡାସିଂହା ମଣ୍ଡଳ ମହିଳା ମୋର୍ଚ୍ଚା ସଭାନେତ୍ରୀ ଗୀତାଞ୍ଜଳି ବେହେରା, ବନ୍ଧପଡା ମଣ୍ଡଳ ସଭାପତି ବାସୁଦେବ ସିଂ ନିନା, ଅଶୋକ ଚାନ୍ଦ, ହିତେଷ ସାହୁ, ସୁବଳ ରଣା, ମିଡିଆ ସେଲ ପ୍ରମୁଖ ରାଜେଶ ମିଶ୍ର, ଜ୍ୟୋତିପ୍ରକାଶ ରାଉତ, ଶ୍ରୀକର ପ୍ରଧାନ, ଶୁକଦେବ ବାଗ ଯୋଗଦେଇ ଗଣପର୍ବ ନୂଆଁଖାଇ ଭେଟ ଆତ୍ମୀୟତା ତା ସୃଷ୍ଟି କରିଥାଏ ବୋଲି କହିଥିଲେ। ।ଆଗାମୀ ପଞ୍ଚାୟତ ନିର୍ବାଚନ ପାଖେଇ ଆସୁଥିବାରୁ ସମସ୍ତ କାର୍ଯ୍ୟକର୍ତ୍ତା ଏକଜୁଟ ହୋଇ କାର୍ଯ୍ୟ କରିବା ପାଇଁ ବରିଷ୍ଠ ନେତା ଡା. ସାହୁ ଆହ୍ୱାନ ଦେଇଥିଲେ ।

## କଂଗ୍ରେସ ପକ୍ଷରୁ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ ପାଳିତ

ନୂଆପଡ଼ା ଅଫିସ,୩।୧୦: ନୂଆପଡା ସଦର ବ୍ଲକ ସାଲିହାଗଡଠାରେ ଜିଲା କଂଗ୍ରେସ କମିଟି ସଭାପତି ଘାସିରାମ ମାଝିଙ୍କ ଅଧ୍ୟକ୍ଷତାରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ କରାଯାଇଛି। ଜିଲା ପରିଷଦ ଜୋନ ୮ ର ସମସ୍ତ ପଞ୍ଚାୟତ ସଭାପତିମାନଙ୍କୁ ନେଇ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଏକ କର୍ମୀ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ପଞ୍ଚାୟତସ୍ତରରେ ସଭାପତିମାନଙ୍କୁ ବୁଥସ୍ତରରେ କଂଗ୍ରେସର ହାତମୁଠାକକୁ ସୁଦୃଢ଼ କରିବା ପାଇଁ ମନ୍ତ୍ର ଦେଇଥିଲେ। କାର୍ଯ୍ୟକ୍ରମରେ ନୂଆପଡା ଯୁବ କଂଗ୍ରେସ ସଭାପତି ଶାହରୁଖ ଖାନ, ନୂଆପଡା କଂଗ୍ରେସ ସଭାପତି ଜଗଦୀଶ ସାହୁ, ଖରିଆର ରୋଡ ନଗର କଂଗ୍ରେସ ସଭାପତି ଜୁନେଦ ମହମ୍ମଦ, ମୋତି ରାୱାଲ, ଗୋଲି ଅଗ୍ରୱାଲ, ଈଶାକଇ ମହମ୍ମଦ, ଭୀମ ଯାଦବ, ଜଗନ୍ନାଥ ନାଏକ, ଖାମସିଂ ମାଝି, ସନ୍ନି ସାହୁ, ଜିତୁ ସାହୁ, ଛଗନ ପଟେଲ, ଛବି ପାଣ୍ଡେ, ଅଶୋକ କୁମାର ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଶାସନ ଉଦ୍ୟମରେ ଗ୍ରାମରେ ପହଞ୍ଚିଲା ଶ୍ରମିକଙ୍କ ମୃତଦେହ

ବୌଦ୍ଧ,୩।୧୦(ସ୍ୱ.ପ୍ର.): ପ୍ରଶାସନର ଉଦ୍ୟମକ୍ରମେ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ରାମଗଡ ଗ୍ରାମର ଜଣେ ଦାଦନ ଶ୍ରମିକଙ୍କ ମୃତଦେହ ରବିବାର ଗ୍ରାମରେ ପହଞ୍ଚିଛି । ପ୍ରକାଶ ଯେ, ଗ୍ରାମର ଟିକୁନୁ ସେଠୀ କାମ କରିବାକୁ ଦୀର୍ଘ ତିନି ମାସ ହେବ ଆନ୍ଧ୍ରପ୍ରଦେଶକୁ ଯାଇଥିଲେ । ସେଠାରେ ପଶ୍ଚିମ ଗୋଦାବରୀ ଜିଲାର ବିଭାବରମଠାରେ ଥିବା ଏକ କମ୍ପାନୀରେ କାର୍ଯ୍ୟ କରୁଥିଲେ । କମ୍ପାନୀ ପକ୍ଷରୁ ଯୋଗାଇ ଦିଆଯାଇଥିବା ଘରେ ଟିକୁନୁ ରହୁଥିବା ବେଳେ ଗତ ୩୦ ତାରିଖରେ ତାଙ୍କର ମୃତଦେହ ଘର ଭିତରେ ପଡିଥିବା ଦେଖିବାକୁ ମିଳିଥିଲା । ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ନେଇ କମ୍ପାନୀ କର୍ତ୍ତୃପକ୍ଷ ପରିବାର ଲୋକଙ୍କୁ ଖବର ଦେଇଥିଲେ । ପରିବାର ଲୋକ ମୃତଦେହ ଆଣିବାରେ ନିଜର ଅସହାୟତା ପ୍ରକାଶ କରି ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ । ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ କୁମାର ପ୍ରଧାନ ମୃତଦେହ ଆଣିବାକୁ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିଥିଲେ । ପରେ ଟିକୁନୁଙ୍କ ବଡଭାଇ ଓ ଗ୍ରାମର ଅନ୍ୟ ୫ ଜଣ ଆନ୍ଧ୍ରପ୍ରଦେଶ ଯାଇ ଆମ୍ବୁଲାନ୍ସରେ ମୃତଦେହ ଧରି ରାମଗଡରେ ପହଞ୍ଚିଥିବା ଜଣାଯାଇଛି। କମ୍ପାନୀ କର୍ତ୍ତୃପକ୍ଷ ଶେଷକୃତ୍ୟ ପାଇଁ ୫୦ ହଜାର ଟଙ୍କା ପ୍ରଦାନ କରିଛି ।

## ଭାଜପା ପକ୍ଷରୁ ପଦଯାତ୍ରା

ବୌଦ୍ଧ,୩।୧୦(ସ୍ୱ.ପ୍ର.): ବୌଦ୍ଧ ଜିଲା ଭାଜପା ପକ୍ଷରୁ ଜାତିର ପିତା ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଦଳ ପକ୍ଷରୁ ପଦଯାତ୍ରା ହୋଇଥିଲା । ଏଥିରେ ଜିଲା ଭାଜପା ସଭାପତି ବିପ୍ରଚରଣ ମହାନ୍ତି , ବରିଷ୍ଠ ନେତା କହ୍ନେଇ ଚରଣ ଡାଙ୍ଗ,ସୁଶାନ୍ତ ପ୍ରଧାନ, ମନୋରଞ୍ଜନ ଦାସ, ପ୍ରେମାନନ୍ଦ ମିଶ୍ର, ଶ୍ୟାମସୁନ୍ଦର ପୁରୋହିତ,ସୁଶାନ୍ତ ବାଘ, ଚିତ୍ତ ପାତ୍ର, ସତ୍ୟାନନ୍ଦ ପାଣ୍ଡେ, ଅଟଳ କୁମାର ପ୍ରଧାନ, ଦାମୋଦର ମିଶ୍ର, ରବି ଦେହୁରୀ, ବୈକୁଣ୍ଠନାଥ ପ୍ରଧାନଙ୍କ ସମେତ ବହୁ ନେତା ସାମିଲ ଥିଲେ ।

# କଳା, ସାହିତ୍ୟ ଓ ସଂସ୍କୃତିର ପରିଚୟ ଲୋକକଳା

**କର୍ଡ଼ଙ୍ଗରେ ଲୋକକଳା ମହୋତ୍ସବ**

ବିନିକା,୩।୧୦(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ କର୍ଡ଼ଙ୍ଗଠାରେ ତୃତୀୟ ବାର୍ଷିକ ଲୋକକଳା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କର୍ଡ଼ଙ୍ଗ ମାହେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଜିଲା ପ୍ରଶାସନ ଏବଂ ରାଜ୍ୟ କଳା ସଂସ୍କୃତି ବିଭାଗ ସୌଜନ୍ୟରେ ଆଜାଦୀ କୀ ଅମୃତ ଲୋକକଳା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପରିବେଷିତ ପାରମ୍ପରିକ ଲୋକନୃତ୍ୟ, ଗୀତ ଓ ବାଦ୍ୟରେ କମ୍ପି ଉଠିଥିଲା ପୂରା ଗାଁ। ଜିଲାର ବିଭିନ୍ନ ପ୍ରାନ୍ତରୁ ଶତାଧିକ ଆଞ୍ଚଳିକ ଲୋକକଳା କଳାକାର ଉତ୍ସବରେ ଭାଗ ନେଇଥିଲେ। ଲୋକକଳା ପରିଷଦ ସଭାପତି ଜ୍ୟୋତିରଞ୍ଜନ ପଟ୍ଟନାୟକ ଉତ୍ସବରେ ସଭାପତିତ୍ୱ କରିଥିଲେ । ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଲୋକକଳା ହିଁ ଅଞ୍ଚଳର କଳା, ସାହିତ୍ୟ ଓ ସଂସ୍କୃତିର


ଲୋକ କଳାକାରଙ୍କୁ ପୁରସ୍କୃତ କରାଯାଉଛି।

ପରିଚୟ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ପିଡି ଡିଆର୍‌ଡିଏ ଡୋଳାମଣି ପଟେଲ, ବିନିକା ବ୍ଲକ ଅଧ୍ୟକ୍ଷ ଅଶୋକ ନନ୍ଦ ଯୋଗଦେଇଥିଲେ। ମୁଖ୍ୟବକ୍ତାଭାବେ ନାଟ୍ୟଶ୍ରୀ ଗଦାଧର ବାରିକ, ସମ୍ମାନିତ ବକ୍ତା ବଡିଓ ବ୍ୟାସଦେବ ବେହେରା, ବିଶିଷ୍ଟ ସମ୍ବଲପୁରୀ କଣ୍ଠଶିଳ୍ପୀ ଶାଶ୍ୱତ ତ୍ରିପାଠୀ, ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ହରିଚରଣ ମିଶ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ ଭୋଇ ପ୍ରମୁଖ ଯୋଗ ଦେଇଥିଲେ । ବିଶେଷ ଅତିଥିଭାବେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁ ଶାଶ୍ୱତ ଯୋଶୀ ଏବଂ ସେଲିବ୍ରିଟି ଡିଜାଇନର ଜିତ୍ ଜଗଜିତ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏଥିପୂର୍ବରୁ ସକାଳେ ଆଞ୍ଚଳିକ କଳାକାରମାନେ ଲୋକକଳାଭିତ୍ତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରେ ଆଞ୍ଚଳିକ ଲୋକ କଳାକାରମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ବିନିକା ବ୍ଲକ ପ୍ରଗତି ସହାୟକ ଦ୍ୱିତୀକୃଷ୍ଣ ପଣ୍ଡା ସଭା ସଂଯୋଜନା କରିଥିଲେ। ମହାଦେବପାଲି ସରପଞ୍ଚ ଦଶମୁ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରକାଶ ଯେ, ୨୦୧୯ରେ କର୍ଡ଼ଙ୍ଗ ଗାଁକୁ ରାଜ୍ୟ ସରକାରଙ୍କ କଳାଗ୍ରାମ ଭାବେ ଘୋଷଣା କରାଯାଇଥିଲା। ହେଲେ କରୋନା ମହାମାରୀ ଯୋଗୁ ଗତ ୨ବର୍ଷ ହେଲା ଏହି ଗାଁରେ କୌଣସି କାର୍ଯ୍ୟକ୍ରମ ହୋଇପାରୁ ନ ଥିଲା।

# ନୂତନ ବସ୍ ଟର୍ମିନାଲକୁ ଗଡୁନି ଗାଡ଼ି


ଉଦ୍‌ଘାଟନ ପରେ ଖାଲି ପଡିଛି ବଲାଙ୍ଗୀର ନୂତନ ବସ୍ ଟର୍ମିନାଲ।

**ଉଦ୍‌ଘାଟନର ୧୧ଦିନ ବିତିଲା**

ବଲାଙ୍ଗୀର ଅଫିସ,୩।୧୦

୨୦୨୧ ସେପ୍ଟେମ୍ବର ୨୨ତାରିଖରେ ବଲାଙ୍ଗୀର ନୂତନ ବସ୍‌ଷ୍ଟାଣ୍ଡ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଉଦ୍‌ଘାଟନର ୧୧ଦିନ ପରେ ମଧ ବେସରକାରୀ ବସ୍ ଦୂରରେ ଥାଉ ସରକାରୀ ବସ୍ ମଧ୍ୟ ନୂତନ ଟର୍ମିନାଲରୁ ଗଡିନାହିଁ। ଉଦ୍‌ଘାଟନ ପରେ ଦିନେ ଦୁଇଦିନ ଧରି ଲୋକଙ୍କ ଭିଡ ହେଲା । ଏବେ ଏହାର ପରିସର ଶୂନଶାନ ହୋଇଯାଇଛି । ପ୍ରାୟ ସାଢେ ୮ କୋଟି ଟଙ୍କାରେ ନିର୍ମିତ ଏହି ପ୍ରକଳ୍ପ ଉଦ୍‌ଘାଟନ ପରେ ମଧ୍ୟ ଲୋକଙ୍କ କାମରେ ଲାଗିପାରି ନାହିଁ । ବସ୍ ଟର୍ମିନାଲ ପରିସରରେ କାମ କରୁଥିବା କର୍ମଚାରୀଙ୍କ କହିବା କଥା ବର୍ତ୍ତମାନ ମଧ୍ୟ କାମ ଚାଲିଛି, ଶେଷ ହୋଇ ନାହିଁ। ଶେଷ ହେଲା ପରେ ଯାଇ ଯାହା କିଛି କହିହେବ ବୋଲି ସେମାନେ କହିଛନ୍ତି।

# ସମ୍ପନ୍ନ ହେଲା ନ୍ୟାୟ, ଶାନ୍ତି ପଦଯାତ୍ରା


ପଦଯାତ୍ରାର ସମାପନ ସଭାରେ ଗ୍ରାମବାସୀଙ୍କ ସହ ଅତିଥିମାନେ।

ମୁରିବାହାଲ, ୩।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଅନ୍ତର୍ଗତ ଗୁଡିଘାଟ, ମାଲିସିରା ଓ ହଳଦୀ ପଞ୍ଚାୟତ ଜନସାଧାରଣଙ୍କ ସହଯୋଗରେ ଚାଲିଥିବା ନ୍ୟାୟ ଓ ଶାନ୍ତି ପଦଯାତ୍ରା ପବିତ୍ର ଗାନ୍ଧୀ ଜୟନ୍ତୀରେ ସମ୍ପନ୍ନ ହୋଇଛି। ଏକତା ପରିଷଦ ବଲାଙ୍ଗୀର ଓ ବନ ସୁରକ୍ଷା କମିଟି ମିଳିତ ଆନୁକୂଲ୍ୟରେ ଗତ ୨୧ତାରିଖଠାରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ମାଲିସିରା ପଞ୍ଚାୟତର କକଡାପଦର ଗ୍ରାମରେ ଶେଷ ହୋଇଥିଲା। ଏକତା ପରିଷଦ ଜିଲା ସଂଯୋଜକ ଦିଲୀପ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ବଲାଙ୍ଗୀର ଏମ୍‌ପିଙ୍କ ପ୍ରତିନିଧି ଶ୍ରୀବତ୍ସ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଓକିଲ ସୁଦାମ ଚରଣ ବଘାର, ମାଲିସିରା ସରପଞ୍ଚ ଡୋଳାମଣି ବାଗ, ସାମାଜିକ କର୍ମୀ ବାଳକୃଷ୍ଣ ପୁଟେଲ, ବନ ସୁରକ୍ଷା ସମିତି ସଭାପତି ଧନମତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମୌଳିକ ଅଧିକାର ହାସଲ ପାଇଁ ନ୍ୟାୟ ଓ ଶାନ୍ତି ପଦଯାତ୍ରାରେ ସାମିଲ ହୋଇଥିବା କକଡାପଦର, ଭୁତିଶଡା, ପେରୁଆମାଲ, ବେହେରା ଖାଇ, ଡାହିଆପଦର, କୁଟିନିଝରଣ, ରାନିସିଲେଟ, ସୁକୁନିପଦର, ଲତସଡା ଆଦି ୯ଖଣ୍ଡ ଗ୍ରାମବାସୀଙ୍କୁ ଏହି ଅବସରରେ ଅତିଥିମାନେ ଧନ୍ୟବାଦ ଅର୍ପଣ କରିଥିଲେ। ଉପରୋକ୍ତ ଗ୍ରାମକୁ ରାଜସ୍ୱ ମାନ୍ୟତା ପ୍ରଦାନ ସହ ଗମନାଗମନ ବ୍ୟବସ୍ଥା କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ମୁଖ୍ୟବକ୍ତାଭାବେ ମୁରିବାହାଲ ଡିଗ୍ରୀ ମହାବିଦ୍ୟାଳୟ ଓଡ଼ିଆ ଅଧାପକ ଘନଶ୍ୟାମ ଖମାରି ଆଦିବାସୀ, ବନବାସୀଙ୍କ ସାମଗ୍ରିକ ବିକାଶ ପାଇଁ ମଦ ବିରୋଧରେ ସଂଗ୍ରାମ କରିବାକୁ ଆହ୍ୱାନ ଦେଇଥିଲେ।

## ମେଣ୍ଡାଟାଲ ସ୍କୁଲରେ ବିଭିନ୍ନ ପ୍ରତିଯୋଗିତା

ନୂଆପଡ଼ା ଅଫିସ,୩।୧୦

ନୂଆପଡା ଜିଲା କୋମନା ବ୍ଲକ ମେଣ୍ଡାଟାଲ ଉଚ୍ଚ ବିଦ୍ୟାଳୟଠାରେ ଗାନ୍ଧୀ ଜୟନ୍ତୀ ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଖେମ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍କୁଲ ପରିଚାଳନା କମିଟି ସଭାନେତ୍ରୀ ଯଶୋବନ୍ତି ବାଗ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସନ୍ତୋଷ କୁମାର ବାଗ, ଛବିଲ ନିଆଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରି ପ୍ଲାଷ୍ଟିକ ବର୍ଜନ ଉପରେ ଲୋକଙ୍କୁ ସଚେତନ କରିଥିଲେ। ପରେ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରୁଷ ବର୍ଗରେ କବାଡି, ଖୋକୋ ଓ ମହିଳା ବର୍ଗରେ ପୁଚି, ରଶି ଡିଆଁ ହୋଇଥିବା ବେଳେ ଗିତ, ବକ୍ତୃତା, ସାଧାରଣ ଜ୍ଞାନ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଧ୍ରୁବ ଚରଣ ରଣା ମଞ୍ଚ ପରିଚାଳନା କରିଥିବା ବେଳେ ବ୍ରିଜଲାଲ ଶବର ଧନ୍ୟବାଦ ଅର୍ପଣ କରିଥିଲେ।

# କୋସଲି ଏକ ମଧୁର ଭାଷା


ଜଣେ କବୟିତ୍ରୀଙ୍କୁ ଅତିଥିମାନେ ସମ୍ମାନୀତ କରୁଛନ୍ତି।

**ନିଷାନ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ**

ଗୁଡ଼ଭେଲା,୩।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ତୁଷୁରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିଷରରେ ନିଷାନ ସାହିତ୍ୟ ସଂସଦ ଓ ଆଞ୍ଚଳିକ କବି କଳାକାର ପକ୍ଷରୁ ରବିବାର ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ରମେଶ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଦ୍ମଶ୍ରୀ ହଳଧର ନାଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୋସଲି ଏକ ମଧୁର ଭାଷା ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ସାହିତ୍ୟିକ, କବି ଓ ସାମ୍ବାଦିକଙ୍କୁ ନିଷାନ ପ୍ରତିଭା ସମ୍ମାନ ପ୍ରଦାନ କରଯାଇଥିଲା। ସାମାଜିକ କର୍ମୀ ଦୀନଦୟାଲ କେଡିଆ ସମ୍ମାନୀତ ଅତିଥି, ସାହିତ୍ୟିକ ତୁଳସୀ ଜୈନ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ନବକିଶୋର ବେହେରା ଓ ପିଙ୍କୁ ଅଗ୍ରୱାଲ ମଞ୍ଚାସୀନ ଥିଲେ। ଆଶୁକବି ହେମନ୍ତ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କବୟିତ୍ରୀ ଯାଜ୍ଞସେନୀ ସାହୁ ଅତିଥି ସ୍ୱାଗତ ଓ ଯୁବକବି ଦେବେନ୍ଦ୍ର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗୌଣ୍ଡୱାନା ଗୌଣ୍ଡ ମହାସଭାର ନୂଆଁଖାଇ ଭେଟ୍‌ଘାଟ


ନୂଆଁଖାଇ ଭେଟ୍‌ଘାଟରେ ସାମାଜିକ କର୍ମୀ ଶିଶିର ଧରୁଆଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଦେଓଗାଁ, ୩।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଅଖିଳ ଭାରତୀୟ ଗୌଣ୍ଡୱାନା ଗୌଣ୍ଡ ମହାସଭା ଡୁମେରପିଟା ସର୍କଲ ତରଫରୁ ଡୁମେରପିଟାଠାରେ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ସର୍କଲ ସଭାପତି ପଞ୍ଚାନନ ଧରୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସୁଦାମ ବିଶି ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ହେମସାଗର ଭୋଇ, ସମ୍ମାନୀତ ଅତିଥିଭାବେ ଜିଲା ମହାସଚିବ ରାମଚନ୍ଦ୍ର ଧରୁଆ, କୋଷାଧ୍ୟକ୍ଷ ଶିଶିର ଧରୁଆ, ବ୍ଲକ ସଭାପତି ସୁରଥ ଧରୁଆ, ମହେନ୍ଦ୍ର ମଲ୍ଲିକ, ସମ୍ପାଦକ ପୁରନ୍ଦର ଭୋଇ, ଶତୃଘ୍ନ ମଲ୍ଲିକ, ଟେକେଲାଲ ଧରୁଆ, ସୁବଳ ଧରୁଆ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ସାମାଜିକ କର୍ମୀ ଶିଶିର ଦରୁଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁବ୍ରତ କୁଅଁରଙ୍କ ନେତୃତ୍ୱରେ ଗୌଣ୍ଡୱାନା ଛାତ୍ର ସଂଗଠନ ନୂତନ କମିଟି ଗଠନ କରାଯାଇଥିଲା ।

# ଫୁଟବଲ ଟୁର୍ନାମେଣ୍ଟ: ମନହୀରା ଚାମ୍ପିୟନ

ଲୋଇସିଂହ,୩।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ହରଭଙ୍ଗା ଗ୍ରାମର ଖେଳପଡିଆରେ ଗତ ଦୁଇଦିନ ଧରି ଚାଲିଥିବା ଫୁଟବଲ ପ୍ରତିଯୋଗୀତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମନହୀରା ଚାମ୍ପିୟନ ହୋଇଛି। ମହାକାଳେଶ୍ୱରୀ ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ମନହୀରା ଓ ଦିଗଶିରା ମଧ୍ୟରେ ହୋଇଥିଲା । ନିର୍ଦ୍ଧାରିତ ସମୟରେ ଖେଳ ବରାବର ରହିବାରୁ ଟାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ ୫-୪ ଗୋଲରେ ମନହୀରା ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ମନହୀରା ଦଳର


ଉଭୟ ଦଳର ଖେଳାଳିଙ୍କ ସହ ଅତିଥି ଓ ଆୟୋଜକ ।

ସୁରେନ୍ଦ୍ର ଧରୁଆଙ୍କୁ ମ୍ୟାନ ଅଫ ଦ ମ୍ୟାଚ ବିବେଚିତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ବ୍ଲକ ଉପାଧ୍ୟକ୍ଷ ମନମୋହନ ପଟେଲ ମୁଖ୍ୟ ଅତିଥି, ଭରସୁଜା ସରପଞ୍ଚ ଗଣେଶ ସାହୁ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୩ ହଜାର ଓ ରନର୍ସ ଅପ ଦଳକୁ ଟ୍ରଫି ସହ ୨ ହଜାର ଟଙ୍କା ଦେଇ ଅତିଥିମାନେ ପୁରସ୍କୃତ କରିଥିଲେ।

**ଫଟୋରେ ଖବର**





ବଲାଙ୍ଗୀର ପୌରପରିଷଦ ୧୮ ନମ୍ବର ୱାର୍ଡ ତୁଳସୀନଗରେ ପଡାର ରାସ୍ତା ଉପରେ ଗଦା ଗଦା ଅଳିଆ ଆବର୍ଜନା(ବାମ) । ପରିମଳ ବ୍ୟବସ୍ଥା ପ୍ରତି ଧ୍ୟାନ ଦିଆଯାଉନାହିଁ, ବଲାଙ୍ଗୀର ସହର ରାଜୀବନଗର ପଡା ରାସ୍ତାରେ ଭାସୁଛି ଡ୍ରେନପାଣି। (ଫଟୋ: ସୁନୀଲ)

## ୧୮୦ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହେଲା

ପଦ୍ମପୁର,(ଡ଼ି.ଏନ.ଏ.): ୱିନର ବ୍ରାଇଟ ଫ୍ୟୁଚରର ଡାଇରେକ୍ଟର ଶ୍ରୀକାନ୍ତ ମିଶ୍ରଙ୍କ ଉଦ୍ୟମରେ ପଦ୍ମପୁରରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି । ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଞ୍ଚଳର ଶତାଧିକ ପୁରୁଷ, ମହିଳା, ଶିଶୁ ଏହି ଶିବିରରେ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ରୋଗୀଙ୍କ ମଧୁମେହ, ରକ୍ତଚାପ ଏବଂ ଅନ୍ୟାନ୍ୟ ରୋଗର ନିରୂପଣ ପାଇଁ ପରୀକ୍ଷା ପରେ ଡ଼ାକ୍ତର ଡାକ୍ତର ନିଶାନ୍ତ ଦେବତା ଓ ତାଙ୍କ ସହକର୍ମୀ ଔଷଧ ପ୍ରଦାନ କରିଥିଲେ । ଅମୀୟ ପୁରୋହିତ, ସରୋଜ ପ୍ରଧାନ, ସ୍କୁଲ ଅଧ୍ୟକ୍ଷ ଶ୍ରୀମାନ ମିଶ୍ରଙ୍କ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ନୀଳାଚଳ ଦରୁଆନ, ନୀଳିମା ରାଓ, ତ୍ରିଜା କେରକେଟା, କୁମୁଦିନୀ ବାରିକ, ବବିତା ସାହୁ, ଅକ୍ଷୟ ବୁଢ଼ିଆ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଗଞ୍ଜେଇ ଚାଲାଣ, କାର ସହ ଅଭିଯୁକ୍ତ ଗିରଫ

ବୌଦ୍ଧ,୩।୧୦(ସ୍ୱ.ପ୍ର.): ରବିବାର ଅବକାରୀ ବିଭାଗ କର୍ମଚାରୀମାନେ ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ନିରଞ୍ଜନ ସାହୁଙ୍କୁ ଗିରଫ କରିଛନ୍ତି । ଏହାଛଡା ଏହି କାରବାରରେ ବ୍ୟବହୃତ କାର ଓ ୧୨ କେଜି ଗଞ୍ଜେଇ ଜବତ ହୋଇଛି । ବୌଦ୍ଧ ଅବକାରୀ ବିଭାଗ ପକ୍ଷରୁ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ଲଇଗାଁଠାରେ ତନଖି କାର୍ଯ୍ୟ ଚାଲୁ ରହିଥିଲା । ଏହି ସମୟରେ ଏକ କାରରେ (ଓଡି- ୦୨-ବିଟି- ୬୨୩୧) ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ବିଭାଗୀୟ କର୍ମଚାରୀମାନେ ଗାଡି ଅଟକାଇ ତନଖି କରିଥିଲେ । କାରରେ ୧୨ କେଜି ଗଞ୍ଜେଇ ଥିବା ଜଣାପଡିଥିଲା । ଏହି ଘଟଣାରେ ବୌଦ୍ଧ ଜିଲା ବନ୍ଧାପଥରର ନିରଞ୍ଜନଙ୍କୁ ଗିରଫ କରାଯାଇଥିଲା । ଏନେଇ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି ।

### ବୃକ୍ଷରୋପଣ, ସଫେଇ କାର୍ଯ୍ୟକ୍ରମ

ପାଇକମାଳ,୩।୧୦(ଡି.ଏନ.ଏ.): ପାଇକମାଳ ବ୍ଲକ ନୃସିଂହନାଥ ନିକଟ ଶ୍ରୀ ଶ୍ରୀ ରଣେଶ୍ୱର ରାମଚଣ୍ଡୀ ମନ୍ଦିର ପରିସରରେ ରବିବାର ବୃକ୍ଷରୋପଣ ସହ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁଲତା ସମାଜ ଯୁବ ସଙ୍ଗଠନ ଆନୁକୂଲ୍ୟରେ ଏକ ସଭା କର୍ମୁ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସୋନପୁର, ବରଗଡ, ବରପାଲି, ଅତାବିରା, ସୋହେଲା, ଝାରବନ୍ଧ, ଗାଇସିଲଟ, ପଦ୍ମପୁର, ପାଇକମାଳ ଆଦି ଅଞ୍ଚଳର ବିଭିନ୍ନ ପ୍ରାନ୍ତରୁ କୁଲତା ସମାଜର କର୍ମକର୍ତ୍ତା ଯୋଗ ଦେଇଥିଲେ। ଅଶୋକ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସତ୍ୟନାରାୟଣ ବାରିକ, ପୁରୁଷୋତ୍ତମ ପ୍ରଧାନ, ବିରବର ସାହୁ, ଶୁଭେନ୍ଦୁ ସାହୁ, ଶ୍ୟାମଲାଲ ପ୍ରଧାନ, ହାଡୁ ସାହୁ ପ୍ରମୁଖ ଯୋଗଦେଇ ରାମଚଣ୍ଡୀ ମନ୍ଦିର କିପରି ଉନ୍ନତି କରାଯାଇପାରିବ ସେ ନେଇ ନିଜସ୍ୱ ମତବ୍ୟକ୍ତ କରିଥିଲେ। ଯୋଗେନ୍ଦ୍ର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ମନ୍ଦିର ପରିସରରେ ବୃକ୍ଷରୋପଣ ଓ ସଫେଇ କରାଯାଇଥିଲା ।

### ଭାଗବତ ଜ୍ଞାନଯଜ୍ଞ ଆରମ୍ଭ

ବରଗଡ଼ ଅଫିସ୍,୩।୧୦: ବରଗଡ଼ ବ୍ଲକ ଅନ୍ତର୍ଗତ କଟାପାଲି ରାମଜୀ ମଣ୍ଡପରେ ରବିବାରଠାରୁ ଭାଗବତ ଜ୍ଞାନଯଜ୍ଞ ଆରମ୍ଭ ହୋଇଛି। ଏହା ୧୦ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ଉକ୍ତ କାର୍ଯ୍ୟକ୍ରମରେ ବ୍ୟାସ ଶ୍ରୀ ପରୀକ୍ଷିତ ମହାରାଜ ଯୋଗଦେଇ ଭାଗବତ କଥା ଉପରେ ପ୍ରବଚନ ଦେଉଛନ୍ତି । ଦୃଷ୍ଟିବାଧିତ ପ୍ରବଚକ ପରୀକ୍ଷିତ ମହାରାଜ ଶ୍ଳୋକ ମାଧ୍ୟମରେ ଭାଗବତ କଥା ବୁଝାଉଥିବା ବେଳେ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ତାହା ଶୁଣୁଛନ୍ତି । ରବିନ୍ଦ୍ର ପ୍ରଧାନ, ସୁଧାଂଶୁ ଶେଖର ମିଶ୍ର, ଅମୂଲ୍ୟ ବରାଇ, ଡା. ରାଜାରାମ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ଅଂଶଗ୍ରହଣ କରିଛନ୍ତି।

### ପୁଟୁରୁପାଲି, ବଡ଼ମାଳ ବିଜୟୀ

ବରଗଡ଼ ଅଫିସ୍,୩।୧୦: ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାରେ ମାଁ ପର୍ରାପାଟ୍ କପ୍ ଫୁଟବଲ ପ୍ରତିଯୋଗିତା ଚାଲିଛି। ରବିବାର ୨ଟି ମ୍ୟାଚ୍ ହୋଇଥିଲା। ପ୍ରଥମ ମ୍ୟାଚ୍‌ରେ ପୁଟୁରୁପାଲି ପ୍ରତିପକ୍ଷ ଖେଦାପାଲିକୁ ୧-୦ ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ବଡ଼ମାଳ ପ୍ରତିପକ୍ଷ ସିଲାଟ୍‌କୁ ୩-୦ ଗୋଲରେ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ଆମ୍ ଆଦମୀ ପାର୍ଟିର ଜିଲା ଆବାହକ ଭବାନୀ ପ୍ରସାଦ ସାହୁ, ରାଜ୍ୟ ସମ୍ପାଦକ ଅମିତାଭ ପାତ୍ର, ମହିଳା ସଙ୍ଗଠନର ମେରିୟମ ବାର୍ଲା, ଯଶୋବନ୍ତୀ ପୋଡ଼, ଅସିତ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ବିତରଣ କରିଥିଲେ।

# ସମ୍ବଲପୁରୀ ଭାଷାକୁ ପରିପୁଷ୍ଟ କରିଥିଲେ ହୃଦମଣି

ବରଗଡ଼ ଅଫିସ୍,୩।୧୦

ସମ୍ବଲପୁରୀ ଭାଷା, ସାହିତ୍ୟ ଅସ୍ମିତାର ଅପେକ୍ଷାରେ ରହିଥିବା ସମୟରେ ନିଜସ୍ୱ ଲେଖା ଓ ବକ୍ତବ୍ୟ ମାଧ୍ୟମରେ ଏହି ଭାଷାକୁ ପରିପୁଷ୍ଟ କରିଥିବା ଧୂରୀଣ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ସ୍ୱର୍ଗତ ପ୍ରଫେସର ହୃଦମଣି ପ୍ରଧାନ। ତାଙ୍କ ଗବେଷଣା ଲବ୍ଧ ତଥ୍ୟ ଏବଂ ସୃଜନ ସମ୍ବଲପୁରୀ ଭାଷା, ସାହିତ୍ୟକୁ ଆଗାମୀ ଦିନରେ ଅଧିକ କ୍ରିୟାଶୀଳ କରିବ। ଶନିବାର ବରଗଡ଼ର ସମ୍ବଲପୁରୀ ସାହିତ୍ୟ ପରିଷଦ ପକ୍ଷରୁ ଅନୁଷ୍ଠିତ ସ୍ୱର୍ଗତ ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଏହା ମତପ୍ରକାଶ ପାଇଛି। ଅନୁଷ୍ଠାନର ସାଧାରଣ ସମ୍ପାଦକ ଉତ୍ପନ୍ନ କୁମାର ଭୋଇଙ୍କ ସଂଯୋଜନାରେ ଅନୁଷ୍ଠିତ


ଶ୍ରଦ୍ଧାଞ୍ଜଳି ସଭାରେ ସ୍ମରଣିକା ଉନ୍ମୋଚନ କରାଯାଉଛି ।

ସଭାରେ ପଦ୍ମଶ୍ରୀ ହଳଧର ନାଗ, କଥାକାର ଧନପତି ମହାପାତ୍ର, ପ୍ରଫେସର କେଶରଞ୍ଜନ ପ୍ରଧାନ, ସଞ୍ଚାର ଶିଳ୍ପୀ ଅଲେଖ ସାହୁ, ସଙ୍ଗୀତଜ୍ଞ ଶରତ ଚନ୍ଦ୍ର ପାଢ଼ୀ, ସଂଗଠକ ଦିଲୀପ କୁମାର ଦେବତା, ଅଧ୍ୟାପକ ସନ୍ତୋଷ କୁମାର ପଣ୍ଡା, ସୁଶାନ୍ତ ମିଶ୍ର, ସନ୍ତୋଷ ତ୍ରିପାଠୀ, ଭାଷା ପ୍ରଚାରକ ଶିବ ଶଙ୍କର ପୂଜାରୀ, ଉମେଶ ପ୍ରଧାନ, କଥାକାର ତେଜରୁ ବାରିକ, ଗୋପାଳ ଭେସ୍ରା, ନାଟ୍ୟକାର ମୋହନ ସିଂ କହ୍ନେଇ, ସୁବାସ ଭୁଏ, ନିମାଇଁ ପ୍ରଧାନ, ଶରତ ବିଶ୍ୱାଳ, ଚାଷୀନେତା ଶିବ ପ୍ରଧାନ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପ୍ରଫେସର ପ୍ରଧାନଙ୍କ ସ୍ମୃତିଚାରଣ କରିଥିଲେ। ସେହିପରି ମନୋହର ସାଂସ୍କୃତିକ ସଂସଦ, ଅଭିମନ୍ୟୁ ସାହିତ୍ୟ ସଂସଦ, ଖଗେଶ୍ୱର ସାହିତ୍ୟ କଳା ପରିଷଦ, ସମଲପୁରୀ ଗୁଛା, ଉତ୍ତାଳଗଡ଼ ନାଟ୍ୟ ସଂସଦ, ଅନ୍ୱେଷା ପରିବାର, ଉକିଆ ସାହିତ୍ୟ ସଂସଦ, ପାଁଚ ଲୁକିଆ ସାହିତ୍ୟ ସଂସଦ, ପ୍ରକାଶ ସାହିତ୍ୟ ସଂସଦ, ଉଦିଆଁତରା ନାଟ୍ୟ ସଂସଦ ଆଦି ଅନୁଷ୍ଠାନର ସଭ୍ୟବୃନ୍ଦ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ସ୍ୱର୍ଗତ ପ୍ରଧାନଙ୍କ ସ୍ମୃତିରେ ହୁରୁଦ୍ ମଣି-ହୃଦମଣି ଶୀର୍ଷକ ସ୍ମରଣିକା ଉନ୍ମୋଚିତ ହୋଇଥିଲା।

# ଆଇନ ସଚେତନତା ଶିବିର


ଆଇନ ସଚେତନତା ଶିବିରରେ ମଞ୍ଚାସୀନ ଅତିଥି।

ଲୋଇସିଂହା, ୩।୧୦(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ତାଲୁକ ଆଇନ ସେବା ସମିତି ପକ୍ଷରୁ କନ୍ଦାଜୁରୀ ଗ୍ରାମରେ ଆଇନ ସଚେତନତା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷା ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସ୍ୱଜାଳି ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଓକିଲ ସଂଘ ସଭାପତି ଶଶାଙ୍କଶେଖର ଭୋଇ, ଉପସଭାପତି ପ୍ରଶାନ୍ତ ବେହେରା, ପୂର୍ବତନ ସଭାପତି ରାଜକିଶୋର ମିଶ୍ର, ଆଇନଜୀବୀ ପ୍ରବୀଣ ତ୍ରିପାଠୀ ଉପସ୍ଥିତ ରହି କାର୍ଯ୍ୟକ୍ରମର ଅଭିମୁଖ୍ୟ ଉପରେ କହିଥିଲେ। ଅଧ୍ୟକ୍ଷା ମହାନ୍ତି ଉପସ୍ଥିତ ଜନସାଧାରଣଙ୍କୁ କେଉଁ ବ୍ୟକ୍ତି ବିଶେଷଙ୍କ ପାଇଁ ମାଗଣା ଆଇନସେବା ରହିଛି ସେ ସମ୍ପର୍କରେ ଅବଗତ କରିଥିଲେ। ଏହି ଅବସରରେ ସେ ଲୋକଙ୍କ ବିଭିନ୍ନ ସମସ୍ୟା ଶୁଣି ତାର ନିରାକରଣ ଉପରେ ପରାମର୍ଶ ଦେଇଥିଲେ ।

# ହିରୋମୁଣ୍ଡା-ଖଲିଆପାଲି କେନାଲ ରାସ୍ତା ଶୋଚନୀୟ

ବିନିକା, ୩।୧୦(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାବୁପାଲି ପଞ୍ଚାୟତ ଅଧୀନ ଖଲିଆପାଲି ଗ୍ରାମ। ବରଗଡ ଜିଲା ଭେଡେନ ବ୍ଲକକୁ ଲାଗି କରିଥିବା ଏହି ଗ୍ରାମର ଜନସଂଖ୍ୟା ୧୨ଶହରୁ ଉର୍ଦ୍ଧ୍ୱ। ଗାଁରୁ ବିନିକା ଓ ଭେଡେନ ଅଞ୍ଚଳକୁ ଯିବାପାଇଁ ହିରୋମୁଣ୍ଡା-ଖଲିଆପାଲି ଏକମାତ୍ର କେନାଲ ରାସ୍ତା । ପ୍ରାୟ ୨କିମି ଲମ୍ବ ଏହି ରାସ୍ତା ଏବେ ଖଲିଆପାଲିବାସୀଙ୍କ ପାଇଁ ଚିନ୍ତାର କାରଣ ସାଜିଛି। ଦୀର୍ଘଦିନ ଧରି ଏହାର ଉନ୍ନତୀକରଣ କରା ନ ଯିବାରୁ ଖାଲଖମାରେ ଭରି ଯାଇଛି। ଗାଡିମୋଟର କଥା ଛାଡନ୍ତୁ ପାଦରେ ଚାଲି କରି ଯିବା ବି କଠିନ ହୋଇ ଯାଉଛି। ପିଲାମାନେ କାଦୁଅ ସରସରରେ ସ୍କୁଲକୁ ଯାଉଛନ୍ତି। ଏ ନେଇ ଗ୍ରାମବାସୀ ସ୍ଥାନୀୟ ପଞ୍ଚାୟତ ଓ କେନାଲ ବିଭାଗ କାର୍ଯ୍ୟାଳୟରେ ଜଣାଇଲେ ମଧ ଉନ୍ନତୀକରଣ କରାଯାଉ ନାହିଁ।


ଲୋକେ କାଦୁଅ ରାସ୍ତାରେ ପାର ହେଉଛନ୍ତି।

ଅବିଳମ୍ବେ ହିରୋମୁଣ୍ଡା-ଖଲିଆପାଲି ରାସ୍ତାର ଉନ୍ନତୀକରଣ ନ ହେଲେ ଭୋଟବର୍ଜନ କରିବାକୁ ଖଲିଆପାଲିର ହୀରାଲାଲ ସାହୁ, ବିଦ୍ୟାଧର ବେହେରା, ରୁଦ୍ର ଭୁଏ, ରାଜୁ ବେହେରା, ପୁରନ୍ଦର ସାଲମା, କୁନୁ ଭୁଏ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ନେଇ ବାବୁପାଲି ସରପଞ୍ଚ ଚନ୍ଦ୍ର କୁମାର ମହାପାତ୍ରଙ୍କୁ ପଚାରିବାରୁ ରାସ୍ତା ନିର୍ମାଣ ପାଇଁ କେନାଲ ବିଭାଗକୁ ବାରମ୍ବାର ଅବଗତ କରାଯାଇଛି। ରାସ୍ତା ଉନ୍ନୀକରଣ ପାଇଁ ୧୧ଲକ୍ଷ ଟଙ୍କାର ଏଷ୍ଟିମେଟ ବି ବିଭାଗକୁ ପଠାଇଥିଲୁ। ମାତ୍ର ସେମାନେ ଏ ଦିଗରେ କର୍ଣ୍ଣପାତ କରୁ ନାହାନ୍ତି ବୋଲି ସେ କହିଛନ୍ତି।

# ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

ନୂଆପଡ଼ା ଅଫିସ,୩।୧୦

ନୂଆପଡାସ୍ଥିତ ଗାନ୍ଧୀ ପ୍ରମୋଦ ଉଦ୍ୟାନଠାରେ ନେହେରୁ ଯୁବ କେନ୍ଦ୍ର ଓ ଜିଲା ପ୍ରଶାସନ ମିଳିତ ଉଦ୍ୟମରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଜିଲାପାଳ ସ୍ୱାଧାଦେବ ସିଂ ଅଧ୍ୟକ୍ଷତା କରିଥିବା ବେଳେ ନୂଆପଡା ବିଧାୟକ ରାଜେନ୍ଦ୍ର କୁମାର ଢୋଲକିଆ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ନିର୍ଦ୍ଦେଶିକା ମଧୁଛନ୍ଦା ସାହୁ, ଜିଲା ପରିଷଦ ଉପାଧ୍ୟକ୍ଷ ଭାନୁ ପ୍ରତାପ ସିଂ ମାଝି, ଜିଲା ଓକିଲ ସଂଘ ସଭାପତି ପସନ୍ନ କୁମାର ପାଢୀ, ଜିଲା ପରିଷଦ ସଭ୍ୟ ଅବନୀ ରଞ୍ଜନ ଯୋଶୀ, ଜିଲା କ୍ରୀଡା ଅଧିକାରୀ ଅଜୟ କୁମାର ପଟ୍ଟନାୟକ, ଜିଲାପାଳ ପ୍ରତିନିଧି ସୁଶାନ୍ତ କୁମାର ରଣା, ତହସିଲଦାର ଦେବେନ୍ଦ୍ର ରାଉତ, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ କର୍ଣ୍ଣ ସୁନା ପ୍ରମୁଖ ଯୋଗଦେଇଥିଲେ। ନେହେରୁ ଯବ କେନ୍ଦ୍ର ଜିଲା ଅଧିକାରୀ ଆଶିଷ କୁମାର ଠାକୁର ନିଜ ପରିବେଶ ଓ ଗ୍ରାମକୁ ସ୍ୱଚ୍ଛ ରଖିବା ପାଇଁ ଆହ୍ୱାନ କରିଛନ୍ତି। ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ସଫଳ ରୂପାୟନ ପାଇଁ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ କମିଟି ଗଠନ କରାଯାଇଛି। ଉକ୍ତ କମିଟିରେ ନେହେରୁ ଯୁବ କେନ୍ଦ୍ର ନୂଆପଡା ଜିଲା ଯୁବ ଅଧିରୀ ଆଶିଷ କୁମାର ଠାକୁର ଆବାହକ ଥିବା ବେଳେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ଅଧିକାରୀ ମଧୁଛନ୍ଦା ସାହୁ ନୋଡାଲ ଅଧିକାରୀ ଅଛନ୍ତି। ନେହେରୁ ଯୁବ କେନ୍ଦ୍ର ଜାତୀୟ ସେଚ୍ଛାସେବୀମାନେ ବିଶ୍ୱଜିତ ପାଣିଗ୍ରାହୀ ଓ ମୁକେଶ ପାଣ୍ଡେଙ୍କ ନେତୃତ୍ୱରେ ନୂଆପଡା ସଦର ମହକୁମାର ପ୍ରତ୍ୟେକ ଦୋକାନ ବୁଲି ପ୍ଲାଷ୍ଟିକ ଆବର୍ଜନା ସଂଗ୍ରହ କରି ସେମାନଙ୍କ ଯଥା ସମ୍ଭବ ପ୍ଲାଷ୍ଟିକ ବର୍ଜନ କରିବା ପାଇଁ ବୁଝାଇଥିଲେ। ଶେଷରେ ପରିବା ବଜାର ପରିସର ସଫେଇ କରିଥିଲେ।

# ପ୍ରାଣୀ ଚିକିତ୍ସା, ପରାମର୍ଶ ଶିବିର


ଶିବିରକୁ ଚିକିତ୍ସା ପାଇଁ ଆସିଥିବା ପ୍ରାଣୀମାନେ।

ଖପ୍ରାଖୋଲ,୩।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ବ୍ଲକ ପ୍ରାଣୀଧନ ଚିକିତ୍ସା କେନ୍ଦ୍ର ପରିସରରେ ପ୍ରାଣୀ ସମ୍ପଦ ଉନ୍ନୟନ ବିଭାଗ ତରଫରୁ ମାଗଣା ପ୍ରାଣୀ ଚିକିତ୍ସା ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଖପ୍ରାଖୋଲ, ମହୁରୁଣ୍ଡି, ଘୁନସର, କପସିପାଲି ଓ ବଡଗୁର୍ଜିଭଟା ଗାଁର ଚାଷୀମାନେ ସେମାନଙ୍କ ଗୋରୁ, ଛେଳି ଓ ମେଷ, କୁକୁଡା, ବତକ ନେଇ ଆସିଥିଲେ। ବ୍ଲକ ପ୍ରାଣୀଧନ ଅଧିକାରୀ ଡା. ସୁଜିତ କୁମାର ଶତପଥୀ, ପ୍ରାଣୀଧନ ନିରୀକ୍ଷକ ସୁଦାମ ବାରିକ, ସୁରେଶ ସେଲମା, ଯୁଗଳ ମାଝୀ, ରମାକାନ୍ତ ଖମାରୀ, ଗଣେଶ ପଧାନ, ଅଚ୍ୟୁତ ପଧାନ ପ୍ରମୁଖ ଯୋଗଦେଇ ପ୍ରାଣୀମାନଙ୍କ ଚିକିତ୍ସା କରିବା ସହ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ୬୨ଟି ଗାଈ, ୧୨୮ଟି ଛେଳି ଏବଂ ମେଷ ଏବଂ କୁକୁଡା, ବତକଙ୍କ ଚିକିତ୍ସା କରାଯାଇଥିଲା ।

# ମୃତ ଯୁବତୀଙ୍କ ପରିବାର ଲୋକଙ୍କୁ ଭେଟିଲା ଭାଜପା

ବରଗଡ଼ ଅଫିସ୍,୩।୧୦

ବରଗଡ଼ ଜିଲା ଗାଇସିଲେଟ ଥାନା ଡାଙ୍ଗବାହାଲ ଗ୍ରାମ ରାସ୍ତାକଡ଼ ଏକ ଗଛରୁ ସେପ୍ଟେମ୍ବର ୨୮ରେ ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ମୃତ ଯୁବତୀଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇ ଆତ୍ମହତ୍ୟା ରୂପ ଦେବା ପାଇଁ ଦୁର୍ବୃତ୍ତମାନେ ମୃତଦେହକୁ ଗଛରେ ଝୁଲାଇ ଦେଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ କରୁଛି। ଅନ୍ୟପଟେ ଉକ୍ତ ଘଟଣାର ନିରପେକ୍ଷ ତଦନ୍ତ ସହିତ ହତ୍ୟା ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା କରିଛି। ଏହି କ୍ରମରେ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚାର ଏକ ପ୍ରତିନିଧି ଦଳ ରବିବାର ଡାଙ୍ଗବାହାଲ ଗସ୍ତ ମୃତ ଯୁବତୀଙ୍କ ପରିବାର ଲୋକଙ୍କୁ ଭେଟିଥିଲେ। ପରିବାର ଲୋକଙ୍କୁ


ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ପ୍ରତିନିଧି ଦଳ ମୃତ ଯୁବତୀଙ୍କ ପରିବାର ଲୋକଙ୍କୁ ଭେଟୁଛନ୍ତି ।

ସମବେଦନା ଜଣାଇବା ସହିତ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ପ୍ରତିନିଧି ଦଳରେ ଲୋଇସିଂହା ବିଧାୟକ ଡଃ ମୁକେଶ ମହାଲିଙ୍ଗ, ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ସମ୍ପାଦକ ଈଶ୍ୱର ବାଗ, ରାଜ୍ୟ ସଂଯୋଜକ ପରୀକ୍ଷିତ ଛତର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୁଶ କୁମ୍ଭାର, ଜିଲା ପରିଷଦ ଉପାଧ୍ୟକ୍ଷ ମଦନ ଦୀପ, ବରଗଡ଼ ଏମ୍‌ପି ପ୍ରତିନିଧି ପ୍ରବୀଣ ପାଣିଗ୍ରାହୀ, ସନତ ଗଡ଼ତିଆ, ଆନନ୍ଦ ମଟାରୀ, ବିପିନ ବିହାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଆହତଙ୍କୁ ପ୍ରାଥମିକ ଚିକିତ୍ସା କଲେ ସ୍ୱେଚ୍ଛାସେବୀ


ଦୁର୍ଘଟଣାରେ ଆହତଙ୍କୁ ଆମ୍ବୁଲାନ୍ସରେ ନିଆଯାଉଛି ।

ସୋନପୁର,୩।୧୦(ନି.ପ୍ର.)

ସଡକ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ସୋନପୁର ଥାନା ନରସିଂହଗଡ ଗ୍ରାମର ସନ୍ତୋଷ କୁମ୍ଭାର(୫୦)ଙ୍କୁ ପ୍ରାଥମିକ ଚିକିତ୍ସା କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି ରେଡକ୍ରସର ସ୍ୱେଚ୍ଛାସେବୀ। କୁମ୍ଭାର ରାସ୍ତାରେ ଯାଉଥିବା ସମୟରେ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥର ଖମ୍ବେଶ୍ୱରୀପାଲି ନିକଟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ରବିବାର ଅପରାହ୍ନରେ ଏହି ଦୁର୍ଘଟଣା ଘଟିଥିଲା। କୁମ୍ଭାର ରାସ୍ତା ଉପରେ ପଡି ଯନ୍ତ୍ରଣାରେ ଛଟପଟ ହେଉଥିଲେ। ଏହି ସମୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର କାର୍ଯ୍ୟକ୍ରମ ସାରି ସେହି ରାସ୍ତାରେ ଫେରୁଥିଲେ ରେଡକ୍ରସ ସ୍ୱେଚ୍ଛାସେବୀ ଟିମ୍ । ଜୁନିୟର ରେଡକ୍ରସର ରବିଚନ୍ଦ୍ର ପଶାୟତ, ରାମନାରାୟଣ ଦାଶ, ଜୁନିୟର ରେଡକ୍ରସର ସାଧନ କର୍ମୀ ଚନ୍ଦ୍ରମଣି ବାଘ ଓ ପରାମର୍ଶଦାତା ଗୋପେଶ ପଣ୍ଡା ପ୍ରମୁଖ ଆହତ ସନ୍ତୋଷଙ୍କୁ ତୁରନ୍ତ ପ୍ରାଥମିକ ଚିକିତ୍ସା କରିଥିଲେ। ରକ୍ତସ୍ରାବ ବନ୍ଦ ହେବା ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ସନ୍ତୋଷଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରିଥିଲେ। ଦୁର୍ଘଟଣା ଘଟିବାର ପ୍ରଥମ କିଛି ମିନିଟ୍ ଆହତଙ୍କ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ। ସେହି ସମୟରେ ରେଡକ୍ରସ୍ ଟିମ୍ ଆହତ ବ୍ୟକ୍ତିଙ୍କୁ ପ୍ରାଥମିକ ଚିକିତ୍ସା କରି ଥିବାରୁ ସାଧାରଣରେ ପ୍ରଶଂସା କରାଯାଇଛି ।

## କୁଲତା ସମାଜର ନୂଆଁଖାଇ ଭେଟ୍



ଝାରବନ୍ଧ,୩।୧୦(ଡି.ଏନ.ଏ): ବରଗଡ଼ ଜିଲା ଝାରବନ୍ଧ ବ୍ଲକ କୁଲତା ସମାଜର ନୂଆଁଖାଇ ଭେଟ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଚଣ୍ଡିଭଟା ପଞ୍ଚାୟତ ନିଲଜିପଦ୍ରାଠାରେ ହୋଇଥିବା ଉକ୍ତ କାର୍ଯ୍ୟକ୍ରମ ଆରମ୍ଭରେ ପୂଜକ ରୁଦ୍ର ଭୋଇ ମାଁ ରଣେଶ୍ୱର ରାମଚଣ୍ଡୀଙ୍କ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ବାସୁଦେବ ପ୍ରଧାନଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ସମାଜର ଶିକ୍ଷା ଓ ସଂସ୍କାର ଉପରେ ଆଲୋଚନା ହୋଇଥିଲା। ଶ୍ୟାମସୁନ୍ଦର ବେହେରା ସଭା ପରିଚାଳନା କରିଥିବା ବେଳେ ତୁଳସୀରାମ ପ୍ରଧାନ, ତୁଳାରାମ ଭୋଇ, ହାରାଧନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଝାରବନ୍ଧ ବ୍ଲକରେ ମାଁ ରଣେଶ୍ୱର ରାମଚଣ୍ଡୀଙ୍କ ଏକ ମନ୍ଦିର ନିର୍ମାଣ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ରସାନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ନେହେରୁ ଯୁବକେନ୍ଦ୍ରର ସ୍ୱଚ୍ଛ ଭାରତ ଅଭିଯାନ

ବରଗଡ଼ ଅଫିସ୍,୩।୧୦

ବରଗଡ଼ର ନେହେରୁ ଯୁବକେନ୍ଦ୍ର ଏବଂ ବରପାଲି ବ୍ଲକ ଭଟିଗାଁ ମନୋରଞ୍ଜନ କ୍ଲବର ମିଳିତ ଆନୁକୂଲ୍ୟରେ ଶନିବାର ଗାନ୍ଧୀ ଜୟନ୍ତୀ ଅବସରରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସମଲେଶ୍ୱରୀ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଭଟିଗାଁ, ରେଟାମୁଣ୍ଡା, ଖଇରପାଲି ଗ୍ରାମର ୮୦ଜଣ ଯୁବତୀ, ଯୁବକ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଦିପ୍ତୀ କୁମାର ସିଂହ ଉଦ୍‌ଘାଟନ କରିଥିଲେ । ପରେ ଅନୁଷ୍ଠିତ ଏକ ସଭାରେ ମଧୁ ପ୍ରଧାନ, ହିମାଞ୍ଚଳ ସାହୁ, ରୀତା ମହାନନ୍ଦ, ଲାରେଶ ପଣ୍ଡା, ଇଚ୍ଛା ସେଠ୍, ଅନନ୍ତ ସେଠ୍ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଉପସ୍ଥିତ ଯୁବତୀ ଯୁବକମାନେ ଗ୍ରାମ ପରିକ୍ରମା କରି ଅଳିଆ, ଆବର୍ଜନା ସଫା କରିଥିଲେ। ନେହେରୁ ଯୁବକେନ୍ଦ୍ରର ଯୁବ ଅଧିକାରୀ ରୋଶନ ଟଣ୍ଡନ, ଉପଦେଷ୍ଟା କମିଟି ସଭ୍ୟ ତ୍ରିଲୋଚନ ଶତପଥି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯଶୋବନ୍ତ ପୂଜାରୀ, ଜନାର୍ଦ୍ଦନ ପଣ୍ଡା, ବିଭୂତି ଗଡ଼ତିଆ, ଚଞ୍ଚଳ ସାହୁ, କେଶବ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଦୟାନନ୍ଦ ଗଡ଼ତିଆ ଧନ୍ୟବାଦ ଅର୍ପଣ କରିଥିଲେ।


ଭଟିଗାଁରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଉଛି ।

# ଫୁଟବଲ: ଅମସ୍ତଳା ଚାମ୍ପିୟନ

ଅତାବିରା,୩।୧୦(ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ବ୍ଲକ ପାଲିବୁଗବୁଗା ଗାନ୍ଧିଜୀ ଯୁବକ ସଂଘ ଆନୁକୂଲ୍ୟରେ ଶନିବାର ୩୩ତମ ଏକଦିବସୀୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଏଥିରେ ଅମସ୍ତଳାର ଜେଜେଏଫ ପ୍ରତିପକ୍ଷ ରେଙ୍ଗାଲି ଲିଟିଲ ଷ୍ଟାର ଟିମ୍‌କୁ ଟାଇବ୍ରେକର ଜରିଆରେ ୧-୦ ଗୋଲରେ ହରାଇ ଚାମ୍ପିୟନ ହୋଇଥିଲା। ସଂଘ ପରିଚାଳକ ଯୁଗଳ କିଶୋର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସମାରୋହରେ ଅତାବିରା ବିଧାୟିକା



ଚାମ୍ପିୟନ ଅମସ୍ତଳା ଦଳକୁ ପୁରସ୍କୃତ କରାଯାଉଛି ।

ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷା ରୀତା ସାହୁ, ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ପ୍ରଧାନ, ସରପଞ୍ଚ ପୁଷ୍ପକାନ୍ତୀ ସେଟ୍, ସମିତିସଭ୍ୟା ଚନ୍ଦ୍ରକାନ୍ତୀ ସେଟ୍, ଛାୟାକାନ୍ତ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହିତ ୩୦ହଜାର ଏବଂ ରନର୍ସ ଅପ୍ ଦଳକୁ ଟ୍ରଫି ସହିତ ୨୦ହଜାର ଟଙ୍କାରେ ପୁରସ୍କୃତ କରାଯାଇଥିଲା। ସାନ୍ତ ରଣବିଡ଼ା ଫାଇନାଲ ଖେଳ ପରିଚାଳନା କରିଥିଲେ। ଗାନ୍ଧିଜୀ ଯୁବକ ସଂଘର ସୁନୀଲ ସେଟ୍, ଶେଷଦେବ ବେହେରା, ରବି ବେହେରା, ପୀତବାସ ସେଟ୍, ମହେନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ ।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୪ ଅକ୍ଟୋବର, ୨୦୨୧



## ତରଭାରେ ଆଇନ ସଚେତନତା ଶିବିର

ତରଭା,(ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ତରଭା ତାଲୁକ ଆଇନ ସେବା ସମିତି ଆନୁକୂଲ୍ୟରେ ଆଇନ ସଚେତନତା ଶିବିର ରଥପଡାର ବାଳିକା ପ୍ରାଥମିକ ବିଦ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜେଏମଏଫସି ସରିତା କୁମାରୀ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉପସ୍ଥିତ ସଚେତନ ନାଗରିକ ଓ ଆଇନଜୀବୀମାନଙ୍କୁ ନିଶୁଳ୍କ ଅଇନ ସେବା ପ୍ରଦାନ ସମ୍ପର୍କରେ ବୁଝାଇଥିଲେ। ତରଭା ଓକିଲ ସଂଘ ସଭାପତି ଅକ୍ଷୟ କୁମାର ବାଘ ନିଶୁଳ୍କ ଆଇନ ସେବା ପ୍ରଦାନ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। କୋର୍ଟର ଦେବରାଜ କୁଅଁର, ଶୁଭଦର୍ଶିନୀ ମିଶ୍ର, ଆଇନଜୀବୀ ସୁବିଜ୍ଞ ଦରୱାନ, ରମେଶ ନାଏକ, ସୁରେଶ ମହଲା, କାହ୍ନୁଚରଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶନିବାର ଏହି ଅବସରରେ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା।

## ସଂକ୍ଷେପରେ

### ଆଗଲପୁରରେ ଭାଜପାର ମିଶ୍ରଣ ପର୍ବ

ଲୋଇସିଂହା,୩।୧୦(ଡି.ଏନ.ଏ.): ବଲାଙ୍ଗୀର ଜିଲା ଆଗଲପୁର ସପ୍ତାହିକ ବଜାର ପ୍ରାଙ୍ଗଣରେ ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ଗେଇଯାଇଛି। ସ୍ଥାନୀୟ ମଣ୍ଡଳ ସଭାପତି ଉମେଶ ପୁଟେଲ ଏଥିରେ ଅଧ୍ୟକ୍ଷତା କରିଥିଲେ। ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗଙ୍କ ଉପସ୍ଥିତିରେ ଭାଜପାର ନୀତି ଓ ଅଦର୍ଶରେ ଶତାଧିକ ବ୍ୟକ୍ତି ଦଳରେ ସାମିଲ ହୋଇଥିବା ଡୁଡୁକା ମଣ୍ଡଳ ସଭାପତି ସୂଚନା ଦେଇଛନ୍ତି।

### ଡେପୁଟେଶନରେ ଡାକ୍ତର, ରୋଗୀସେବା ବ୍ୟାହତ

**କୁଶମେଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର**

ଲୋଇସିଂହା,୩।୧୦(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ କୁଶମେଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ମିଳୁନି ଉପଯୁକ୍ତ ସ୍ୱାସ୍ଥ୍ୟସେବା। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ କୁଶମେଲ, ତଲିଉଡାର, ଗଡଶଙ୍କର ଡୁଙ୍ଗରିପାଲି,ବାନିପାଲି, ମାଗୁରବେଡା ପଞ୍ଚାୟତର ୧୦ହଜାରରୁ ଉର୍ଦ୍ଧ୍ୱ ଲୋକେ ନିର୍ଭର କରିଥାନ୍ତି। ଏଠାରେ ମାସକ ତଳେ ଜଣେ ଏମବିବିଏସ ଡାକ୍ତର ଯୋଗଦେଇଛନ୍ତି। ତାଙ୍କୁ ସପ୍ତାହର ରବିବାର ଓ ସୋମବାର ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡେପୁଟେଶନରେ ଦିଆଯାଇଛି। ଏହାପୂର୍ବରୁ ଏଠାରେ ଥିବା ଫାମାସିଷ୍ଟଙ୍କୁ ପାଟଣାଗଡ ସବ ଡିଭିଜନ ହସ୍ପିଟାଲକୁ ୫ ମାସ ହେଲା ଡେପୁଟେଶନରେ ପଠାଯାଇଛି। ଏଠାରେ ଜଣେ ଆୟୁଷ ଡାକ୍ତର ନିୟୋଜିତ ଅଛନ୍ତି। ହେଲେ ଅକ୍ଟୋବର ୨ରୁ ରାଜ୍ୟ ଆୟୁଷ ଡାକ୍ତର ସଂଘ ଆହ୍ୱାନ କ୍ରମେ ଜିଲାର ଆୟୁଷ ଡାକ୍ତର ଅସହଯୋଗ ଆନ୍ଦୋଳନ କରୁଛନ୍ତି। ଏଣୁ ଏଠାରେ ନିଯୁକ୍ତ ଆୟୁଷ ଡାକ୍ତର ଆୟୁଷ ସମ୍ବନ୍ଧୀୟ କାର୍ଯ୍ୟ କରିବା ବ୍ୟତୀତ ଅନ୍ୟ କିଛି କରୁ ନାହାନ୍ତି। ଏହି ପରିସ୍ଥିତିରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ କର୍ମଚାରୀଙ୍କ ଅନୁପସ୍ଥିତି ଓ ଆୟୁଷ ଡାକ୍ତରଙ୍କ ରୋଗୀ ସେବା ନିବୃତ ଯୋଗୁ ରୋଗୀସେବା ବ୍ୟାହତ ହୋଇ ପଡିଥିବା କସ୍ତୁବ ସାହୁ, ଶିକୁ ପଧାନ, ରାଣାପ୍ରତାପ ସିଂ, ଆଶିଷ ବିଶ୍ୱାଳ, ଅକ୍ଷୟ ସାହୁ ଓ କନ୍ଦର୍ପ ରଣା ପ୍ରମୁଖ ଅଭିଯୋଗ କରିଛନ୍ତି। ଜିଲା ଜିଲାପଳ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହୋଇଛି।

### ରକ୍ତଦାନ ଶିବିର:୫୨ ୟୁନିଟ ରକ୍ତ ସଂଗ୍ରହ

ବାଉଁଶୁଣୀ,୩।୧୦(ଡି.ଏନ.ଏ.): ବୌଦ୍ଧ ଜିଲା ମୁଣ୍ଡାପଡା ପଞ୍ଚାୟତ ଅନ୍ତର୍ଗତ କମିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟଅତିଥି ଭାବେ ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବୌଦ୍ଧ ବିଡ଼ିଓ ଦେବୀ ପ୍ରସାଦ ଦାସ, ମୁଣ୍ଡାପଡା ସରପଞ୍ଚ ବିଦ୍ୟାଧର ସ୍ୱାଇଁ, ବିଜୁ ଜନତା ଦଳର ଜିଲା ସଭାପତି ମୃତ୍ୟୁଞ୍ଜୟ ମିଶ୍ର, ଗ୍ରାମ୍ୟ କୃଷି ଅଧିକାରୀ ନରସିଂହ ସୁଣ୍ଡି, ସ୍ୱେଚ୍ଛାସେବୀ ସିତାଂଶୁ ମହାକୁଲ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମେ ଲୋଚନ ସାହୁ ଓ କିରଟୀ ପ୍ରଧାନଙ୍କଠାରୁ ରକ୍ତ ସଂଗ୍ରହ କରାଯାଇଥିଲା। ଏହା ପରେ ମିତାମଣି ଭୋଇ, ସମାରୀ ରଣା, ଲାଙ୍କେଶ୍ୱରୀ ରଣା, ସୁଜାତା ମହାକୁଲଙ୍କ ସମେତ ୧୦ରୁ ଉର୍ଦ୍ଧ୍ୱ ମହିଳା ରକ୍ତଦାନ କରିଥିଲେ। ଶିବିରରେ ୫୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଶିବିରକୁ ଡ଼. ମଳୟ କୁମାର ସାହୁ, ମନୋଜ କୁମାର ପ୍ରଧାନ, ଦେବଦତ୍ତ କିଷାନ, ବାଦଲ କୁମାର ପ୍ରଧାନ ପରିଚାଳନା କରିଥିଲେ। ସ୍ୱେଚ୍ଛାସେବୀ ଜଗଦୀଶ ବାରିକ,ବିଜୁ ଜନତା ଦଳର ସଂପାଦକ ସନ୍ତୋଷ କୁମାର ଦାସ, ସୁମନ୍ତ ନାଏକ, ଅରୁପ ଦାଶ, ପ୍ରଦୀପ ପ୍ରଧାନ, ଆଦିତ୍ୟ ଦାସ, ରବୀନ୍ଦ୍ର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

### ଖଣ୍ଡସିବାଞ୍ଜି-ବରିକେଲ ରାସ୍ତା ଶୋଚନୀୟ

ପଦ୍ମପୁର,୩।୧୦(ଡି.ଏନ.ଏ.): ପଦ୍ମପୁର ଉପଖଣ୍ଡ ଖଣ୍ଡସିବାଞ୍ଜି-ବରିକେଲ ରାସ୍ତା ଶୋଚନୀୟ ହୋଇପଡିଛି। ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରତିଦିନ ଏହି ରାସ୍ତା ଦେଇ ଶତାଧିକ ଯାନବାହନ ସମେତ ଛାତ୍ରୀଛାତ୍ର, ମହିଳା, ବୃଦ୍ଧାବୃଦ୍ଧ ଯାତାୟାତ କରିଥାନ୍ତି। ୨୦୧୬ରେ ଏହି ରାସ୍ତାକୁ ପକ୍କା କରିବା ପାଇଁ ଦାବି କରାଯାଇଥିଲା। କିନ୍ତୁ ଅଦ୍ୟାବଧି କୌଣସି ସୁଫଳ ମିଳିପାରିନାହିଁ। ତୁରନ୍ତ ଉକ୍ତ ରାସ୍ତା ପକ୍କା କରିବାକୁ ଆମ ଆଦ୍‌ମୀ ପାର୍ଟି ରାଜ୍ୟ ଯୁବ ସମ୍ପାଦକ ପୌଲସ୍ତ୍ୟ ସାହା ଦାବି କରିଛନ୍ତି। ପ୍ରଶାସନ ତୁରନ୍ତ ଏ ନେଇ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଲୋକମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସେ ଚେତାବନୀ ଦେଇଛନ୍ତି।

# କାୟାକଳ୍ପ ପୁରସ୍କାର ବିତରଣୀ ସମାରୋହ

ବରଗଡ଼ ଅଫିସ୍,୩।୧୦

ବରଗଡ଼ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଶନିବାର ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ କାୟାକଳ୍ପ ପୁରସ୍କାର ବିତରଣୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ନିୟମିତ ରୋଗୀ କଲ୍ୟାଣ ସମିତିର ବୈଠକ ଆୟୋଜନ କରି ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱଚ୍ଛତା, ସ୍ୱାସ୍ଥ୍ୟରକ୍ଷା ଏବଂ ସଂକ୍ରମଣ ନିୟନ୍ତ୍ରଣ ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଆଯାଇଥିବା ପଦକ୍ଷେପ ଆଧାରରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅରୁଣ କୁମାର ପାତ୍ରଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

କାର୍ଯ୍ୟକ୍ରମରେ ୨୦୨୦-୨୧ ବର୍ଷ ପାଇଁ କାୟାକଳ୍ପ ପୁରସ୍କାର ପ୍ରଦାନ କରାଯାଇଥିଲା। ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ, ପଦ୍ମପୁର ଉପଖଣ୍ଡ ଡାକ୍ତରଖାନା, ବିଜେପୁର, ଭଟଲି, ବରପାଲି, ଭେଡ଼େନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସୋହେଲା ବ୍ଲକର ବିର୍ଜାମ, ଅମ୍ବାଭୋନା ବ୍ଲକର ଲଖନପୁର, ପଦ୍ମପୁର ଉପଖଣ୍ଡର ମେଲଛାମୁଣ୍ଡା, ଭଟଲି ବ୍ଲକର କମଗାଁ, ଝାରବନ୍ଧ ବ୍ଲକର ଜଗଦଲପୁର, ବରଗଡ଼ ବ୍ଲକର କଲାପାଣି, ବରପାଲି ବ୍ଲକର ସତଲମା, ଭେଡ଼େନ ବ୍ଲକର ସିଆଲଖଣ୍ଡହଥା, ବରଗଡ଼ ବ୍ଲକର ପଥର୍ଲା, ସୋହେଲା ବ୍ଲକର ତବଡ଼ା, ଅମ୍ବାଭୋନା, ପାଇକମାଲ ବ୍ଲକର ମାଣ୍ଡୋସିଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ବିଜେପୁର ବ୍ଲକର ଜାରିଂ, ଝାରବନ୍ଧ ବ୍ଲକର କୁର୍ମା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର, ବରଗଡ଼ ଷ୍ଟେଶନପଡ଼ା ଏବଂ ହାଟପଦା ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ମଧ୍ୟ ଏହି ପୁରସ୍କାର ଦିଆଯାଇଥିଲା। ପୁରସ୍କାର ବାବଦକୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ୩ଲକ୍ଷ, ପଦ୍ମପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର, ବିଜେପୁର, ଭଟଲି, ବରପାଲି, ଭେଡ଼େନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୧ଲକ୍ଷ, ବିର୍ଜାମ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ୨ଲକ୍ଷ ଏବଂ ମନୋନୀତ ଅନ୍ୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ୫୦ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ସେହିପରି ଜାରିଂ ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ୧ଲକ୍ଷ ଏବଂ କୁର୍ମା ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ୨୫ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ପୁରସ୍କୃତ ରାଶିର ୭୫ ପ୍ରତିଶତ ରୋଗୀ କଲ୍ୟାଣ ସମିତି ମାଧ୍ୟମରେ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତିରେ ବିନିଯୋଗ ହେବ ବୋଲି ସୂଚନା ଦିଆଯାଇଥିଲା। ଡିପିଏମ ଶଙ୍କର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।



କାୟାକଳ୍ପ ପୁରସ୍କାର ବିତରଣୀ ସମାରୋହରେ ଅତିରିକ୍ତ ଜିଲାପାଳ ବକ୍ତବ୍ୟ ରଖୁଛନ୍ତି।

## ଆଜାଦିର ଅମୃତ ମହୋତ୍ସବରେ ସ୍ୱଚ୍ଛତା ଶୋଭାଯାତ୍ରା



ଟିଟିଲାଗଡରେ ବାହାରି ଥିବା ସ୍ୱଚ୍ଛତା ସଚେତନତା ଶୋଭାଯାତ୍ରା।

ଟିଟିଲାଗଡ଼, ୩।୧୦ (ଡି.ଏନ.ଏ)

ଆଜାଦିର ଅମୃତ ମହୋତ୍ସବ ପାଳନ ଅବସରରେ ଟିଟିଲାଗଡ ପୌର ପରିଷଦ ପକ୍ଷରୁ ରବିବାର ସ୍ୱଚ୍ଛତା ଶୋଭାଯାତ୍ରା ବାହାରି ଥିଲା। ସଫେଇ କର୍ମଚାରୀ, ସ୍ୱଚ୍ଛସାଥି, ଅଧିକାରୀ ସ୍ଥାନୀୟ ବିଜୁ ପଟ୍ଟନାୟକ ଛକଠାରୁ ସ୍ୱଚ୍ଛତା, ପ୍ଲାଷ୍ଟିକମୁକ୍ତ ସହର ନିର୍ମାଣ, ବର୍ଜ୍ୟବସ୍ତୁ ପରିଚାଳନା ଆଦି ବାର୍ତ୍ତା ସମ୍ବଳିତ ପ୍ଲାକାର୍ଡ, ବ୍ୟାନର ଧରି ସହର ପରିକ୍ରମା କରିଥିଲେ। ଶୋଭାଯାତ୍ରା ପୌର କଲ୍ୟାଣ ମଣ୍ଡପରେ ପହଞ୍ଚିବା ପରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ପୌର ପରିମଳ ଅଧିକାରୀ ଶୁଭସ୍ମିତା ଧଳଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ଉପଜିଲାପାଳ ତଥା ଭାରପ୍ରାପ୍ତ ପୌର ନିର୍ବାହୀ ଅଧିକାରୀ ମନୋଜ ସତ୍ୟବାନ ମହାଜନ ଯୋଗଦେଇ ସହରରେ ସ୍ୱଚ୍ଛତା ନେଇ ପରିମଳ କର୍ମଚାରୀଙ୍କୁ ବାର୍ତ୍ତା ପ୍ରଦାନ କରିଥିଲେ। ଏହା ସହ ଉଲ୍ଲେଖନୀୟ କାର୍ଯ୍ୟ ନେଇ ସ୍ୱଚ୍ଛ ସୁପରଭାଇଜର ତଥା ସ୍ୱଚ୍ଛ ସାଥୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରେ ଅନୁଷ୍ଠିତ ବଡାଖାନା କାର୍ଯ୍ୟକ୍ରମରେ ଉପଜିଲାପାଳ ସମସ୍ତ ପରିମଳ କର୍ମଚାରୀଙ୍କୁ ଭୁରି ଭୋଜନ ପରଶିଥିଲେ।

## ଡମ ସମାଜର ନୂଆଁଖାଇ ଭେଟ୍‌ଘାଟ୍



ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଗୋଲାମୁଣ୍ଡା,୩।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଡମ ସମାଜ ବିକାଶ ପରିଷଦ କେଗାଁ ମଣ୍ଡଳ ପକ୍ଷରୁ ସାନଚେରଗାଁଠାରେ ରବିବାର ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୁର୍ନୀତି ବିରୋଧୀ ମହାସଂଘ ସଭାପତି ବିନ୍ଦୁ ମହାନନ୍ଦଙ୍କ ଆବାହ୍ୱନରେ କେଗାଁ ମଣ୍ଡଳ ସଭାପତି କ୍ଷେତ୍ର ମୋହନ ଛତ୍ରିଆଙ୍କ ସଭାପତିତ୍ୱରେ ଡ. ବି.ଆର. ଅମ୍ବେଡକରଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବୈଠକରେ ସମସ୍ତେ ଏକତା, ଶିକ୍ଷିତ ଓ ସଙ୍ଗଠନ କେମିତି ହେଇ ପାରିବା ସେ ବିଷୟରେ ବକ୍ତବ୍ୟ ଦେଇଥିଲେ। ଅଲ ଓଡିଶା ସିଡୁଲକାଷ୍ଟ ଫେଡେରେଶନ ଗୋଲାମୁଣ୍ଡା ବ୍ଲକ ନୂତନ ସଭାପତି କ୍ଷତ୍ର ମୋହନ ଛତ୍ରିଆଙ୍କୁ ସର୍ବସମ୍ମତିକ୍ରମେ ସଭାପତି ଭାବେ ଘୋଷଣା କରାଯାଇଛି। ମୁଖ୍ୟଅତିଥି ଏଓଏସିଏଫ ସଭାପତି ଧନଞ୍ଜୟ ଦୀପ ଓ ସମ୍ମାନିତ ଅତିଥି ଭାବେ ଏଓଏସିଏଫ ସାଧାରଣ ସମ୍ପାଦକ ଜତିନ୍ଦ୍ର କର, ଜିଲା ସମ୍ପାଦକ ତଥା ଗୋଲାମୁଣ୍ଡା ପ୍ରଭାରୀ ଜୟ ପ୍ରକାଶ ଜାଲ, ଜିଲା ଯୁବ କଂଗ୍ରେସ ସଭାପତି ସାଉଲ ମଙ୍ଗରାଜ, ଏଓଏସିଏଫ ଜିଲା ଆଇନ ବିଭାଗ ମୁଖ୍ୟ ଛବିଲାଲ ନିଆଲ, ଜିଲା ଛାତ୍ର ମୁଖ୍ୟ ଡଗମାଳିଆ ନାଏକ, ଡମ ସମାଜ ବିକାଶ ପରିଷଦ ବ୍ଲକ ସଭାପତି ରାମକୁମାର ସେନାପତି, ଲେଟେର ସରପଞ୍ଚ ଗୋବିନ୍ଦ ବାଗ, ନାରିନେତ୍ରୀ ନମ୍ରତା ସିପକା ଓ ସେବତୀ ନାଏକ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। କାର୍ଯ୍ୟକ୍ରମରେ ବ୍ଲକର ୨୮ଟି ପଞ୍ଚାୟତର ପାଖାପାଖି ୫୦୦ରୁ ଅଧିକ ଅନୁସୂଚିତଜାତି ଲୋକେ ଯୋଗଦେଇଥିଲେ।

## ହିତାଧିକାରୀଙ୍କ ବୈଠକ, ଜନସମ୍ପର୍କ କାର୍ଯ୍ୟକ୍ରମ

ଲାଞ୍ଜିଗଡ଼,୩।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ ପକ୍ଷରୁ ରବିବାର ହିତାଧିକାରୀଙ୍କ ବୈଠକ ଓ ଜନସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କମ୍ପାନୀ ପକ୍ଷରୁ ଏକ ଅଭିଯୋଗ ପ୍ରୋକଷ୍ଟ ୧୫ ଦିନକୁ ଥରେ ଖୋଲାଯିବ। ଏଥିରେ ସମସ୍ତ ଲୋକ ବିଭିନ୍ନ ସମସ୍ୟା ନେଇ ଅଭିଯୋଗ କରିପାରିବେ ଓ ବେଦାନ୍ତ ପକ୍ଷରୁ ୧୩ଜଣ ନୋଡାଲ ଅଫିସରଙ୍କୁ ନିଯୁକ୍ତି କରାଯାଇଛି। ୧୩ଜଣିଆ ଟିମ୍ ଅଞ୍ଚଳରେ ଥିବା ୮ଟି ପଞ୍ଚାୟତ ବିଭିନ୍ନ ଗାଁକୁ ଯାଇ ଅଭିଯୋଗ ଗ୍ରହଣ କରିବେ ଏବଂ ପ୍ରତ୍ୟେକ ଅଭିଯୋଗ ପ୍ରତି ବିଶେଷ ଧ୍ୟାନ ଦିଆଯିବ। ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ। ଏଥିରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରି ଯୋଗଦେଇ ଅଞ୍ଚଳର ବିକାଶକୁ ବେଦାନ୍ତ କର୍ତ୍ତୃପକ୍ଷ ଗୁରୁତ୍ୱ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝି, ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ଼ ବ୍ଲକ ଅଧକ୍ଷ ଇଂ ଫକୀର ମୋହନ ମାଝି, ଉପାଧକ୍ଷା ତୁଳସୀ ନାଏକ, ପୂର୍ବତନ ଉପାଧକ୍ଷ ଶ୍ରୀଧର ପେସନିଆ, ଜଗଦୀଶ ବେନିଆଁଙ୍କ ସମେତ ବ୍ଲକ ଅଞ୍ଚଳର ଶତାଧିକ ବିସ୍ଥାପିତ ପରିବାର ସଦସ୍ୟମାନେ ସାମିଲ ହୋଇଥିଲେ। ବେଦାନ୍ତ ଡେପୁଟି ସିଇଓ ଗୋବିନ୍ଦ ଗୋପାଳ ପାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଇଓ ଅନୁରାଗ ତିୱାରୀ, ସିଏଫ୍‌ଓ ବିକାଶ ବିନାନୀ, ମାନବ ସମ୍ବଳ ବିଭାଗ ମୁଖ୍ୟ ହେମନ୍ତ ଭାଟିଆ, ଲୋକ ସମ୍ପର୍କ ବିଭାଗ ଶର୍ବାଣି ଶର୍ମା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବେଦାନ୍ତ ବାହ୍ୟ ସମ୍ପର୍କ ବିଭାଗ ମୁଖ୍ୟ ନବଲ କିଶୋର ଶର୍ମା ସ୍ୱାଗତ ଭାଷଣ ଦେଇଥିବାବେଳେ ସଞ୍ଜୀବ ପୃଷ୍ଟି ଓ ଶ୍ରୀମୁଖ ଅଗସ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବୃକ୍ଷରୋପଣ କାର୍ଯ୍ୟକ୍ରମ


କମିରା ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ।

ବୌଦ୍ଧ,୩।୧୦(ସ୍ୱ.ପ୍ର.)

ବୌଦ୍ଧ ବ୍ଲକ କମିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମୁଣ୍ଡାପଡା ସରପଞ୍ଚ ବିଦ୍ୟାଧର ସ୍ୱାଇଁ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷ ରୋପଣ କରାଯାଇଥିଲା। ଏଥିରେ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟର ଡା.ମଳୟ କୁମାର ସାହୁ, ଜିଲା ଯୁବ ବିଜେଡି ସଭାପତି ମୃତ୍ୟୁଞ୍ଜୟ ମିଶ୍ର, ଶଶାଙ୍କ ଶେଖର ମିଶ୍ର, ମହିଳା ବିଜେଡି ସଭାପତି ଯସ୍ମିନ ପ୍ରଧାନ, ସତ୍ୟ ନାରାୟଣ ପାଣି,ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନତ୍ ପ୍ରଧାନ, ଶିକ୍ଷକ ବୀରବିକ୍ରମ ପ୍ରଧାନ, ସମର ସେଠୀ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ। ବୃକ୍ଷରୋପଣ ଦ୍ୱାରା ବିଦ୍ୟାଳୟର ପରିବେଶ ସ୍ୱଚ୍ଛ ରହିବା ସହ ଔଷଧୀୟ ବୃକ୍ଷ ଲଗାଯିବା ଯୋଗୁ ଭବିଷ୍ୟତରେ ଲୋକଙ୍କୁ ସୁଫଳ ମିଳିପାରିବ ବୋଲି ମୁଖ୍ୟଅତିଥି ସ୍ୱାଇଁ ପ୍ରକାଶ କରିଥିଲେ। ଆଗକୁ ଆହୁରି ବୃକ୍ଷରୋପଣ କରାଯିବ ବୋଲି ବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ହସ୍ପିଟାଲରେ ସଫେଇ, ରୋଗୀଙ୍କୁ ଫଳ ବଣ୍ଟନ

କୋକସରା,୩।୧୦(ଡି.ଏନ.ଏ.)

ରାଜ୍ୟ ବିଜୁ ଛାତ୍ର ଜନତା ଦଳ ଆହ୍ୱାନକ୍ରମେ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀଠାରୁ ନଭେମ୍ବର ୨ ପର୍ଯ୍ୟନ୍ତ ବିଭିନ୍ନ ସାମାଜିକ ସେବା କାର୍ଯ୍ୟକ୍ରମ କରିବା ପାଇଁ ଦଳ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ପରିପ୍ରେକ୍ଷୀରେ ରବିବାର କୋକସରା ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବ୍ଲକ ସଭାପତି ମାନସ ରନ ବେହେରାଙ୍କ ନେତୃତ୍ୱରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ସାମାଜିକ ସେବା କାର୍ଯ୍ୟକ୍ରମରେ ଧର୍ମଗଡ଼ ବିଧାୟକ ମୌଷଧି ବାଗ ସଫେଇ କାର୍ଯକ୍ରମ ସାମିଲ ହେବା ସହ ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ଶୁଶାନ୍ତ ବେହେରା, ସମ୍ପାଦକ ପଞ୍ଚକ ପୋଡ, ବିଧାୟକ ପ୍ରତିନିଧି ମାନସ ରନ ବାଗ, ବିଜୁ ଛାତ୍ର ଜନତା ଦଳ ଜିଲା ଉପସଭାପତି ମୁକ୍ତେଶ୍ୱର ନାଗ, ବ୍ଲକ ସୋସିଆଲ ମିଡିଆ ସଂଯୋଜକ ତ୍ରିବିକ୍ରମ ଯାଦବ, ବସନ୍ତ ପଟ୍ଟନାୟକ, ଛାତ୍ର ଜନତା ବ୍ଲକ ଉପସଭାପତି ସୁରଜ ନାଏକଙ୍କ ସମେତ ବିଜୁଛାତ୍ର ଜନତା ଦଳର ଯୁବକ ଓ ଛାତ୍ରମାନେ ଯୋଗଦେଇଥିଲେ।


ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ସଫେଇ କାର୍ଯ୍ୟକ୍ରମରେ ବିଧାୟକ ସାମିଲ ହୋଇଛନ୍ତି।

## ୫୦ଜଣ ଦେଲେ ବ୍ଲାକବେଲ୍ଟ ପରୀକ୍ଷା


ଅତିଥିଙ୍କ ଗହଣରେ ବ୍ଲାକବେଲ୍ଟ ପରୀକ୍ଷାର୍ଥୀ।

ଟିଟିଲାଗଡ଼ ୩।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଉତ୍କଳ କରାଟେ ସ୍କୁଲ ଶାଖା ପକ୍ଷରୁ ବ୍ଲାକବେଲ୍ଟ ପରୀକ୍ଷା ଶନିବାର ଶିବପ୍ରସାଦ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷାରେ ୫୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବ୍ଲାକ ବେଲ୍ଟ ପଞ୍ଚମ ଡେନ ସିଆନ ସୁରେଶ ଜାଲ ଯାଦବ ପରୀକ୍ଷା କରିଥିଲେ। ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ସମସ୍ତ ପ୍ରତିଯୋଗୀଙ୍କୁ ଅତିଥିଭାବେ ଯୋଗ ଦେଇଥିବା ଆଇନଜୀବୀ ମନୋଜ କୁମାର ହାତୀ, ଜାତୀୟସ୍ତରର ବଡି ବିଲ୍‌ଡର ସନ୍ତୋଷ ମହାନ୍ତି, ସମାଜ କଲ୍ୟାଣ ପରିଷଦ ସଭାପତି ପ୍ରକାଶ ସରାଫ, ବଲାଙ୍ଗୀର ଜୁଡୋ ସଂଘ ସମ୍ପାଦକ ଦେବେନ୍ଦ୍ର ଜୈନ ପ୍ରମାଣ ପତ୍ର ଓ ମେଡାଲ ପ୍ରଦାନ କରିଥିଲେ। ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ବିଜୟୀ ରାହୁଲ ଜାଲ ଓ ଶ୍ରଦ୍ଧାଞ୍ଜଳି ଜାଲଙ୍କୁ ସମ୍ମାନିତ କରାଯାଇଥିଲା।

## ଖପ୍ରାଖୋଲରେ ଗଡ଼ିଲା ସ୍ୱଚ୍ଛତା ରଥ

ଖପ୍ରାଖୋଲ,୩।୧୦ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ ପରିସରରୁ ସ୍ୱଚ୍ଛତା ରଥକୁ ବିଡିଓ ରଶ୍ମୀରଞ୍ଜନ ରାଉତ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ବ୍ଲକ ପ୍ରଶାସନ ଓ ଜିଲା ଜଳ ଓ ପରିମଳ ମିଶନର ମିଳିତ ଆନୁକୂଲ୍ୟରେ ଆଜାଦୀକା ଅମୃତ ମହୋତ୍ସବ ପାଳନ ଅବସରରେ ଶହେ ଦିନିଆ ଅଭିଯାନ ଆରମ୍ଭ ହୋଇଥିବାବେଳେ ସ୍ୱଚ୍ଛତା ରଥ ଗାଁଗାଁ ବୁଲି ଲୋକଙ୍କୁ ସଚେତନ କରିବ। ଏଥିରେ ପାଇଖାନା ବ୍ୟବହାର, ପରିବେଶ ସ୍ୱଚ୍ଛତା, ହାତ ଧୋଇବା ଏବଂ ଜଳ ସଂରକ୍ଷଣ ଉପରେ ସଚେତନ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ସରିତା କୁଜୁରୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୋମ୍ୟ କିଶୋର ଜଏପୁରିୟା, ବିପିସି ଫକିର ଭୋଇଙ୍କ ସମେତ ସିଏଲଏମ୍‌ମାନେ ଉପସ୍ଥିତ ଥିଲେ। ଏହି ରଥ ବ୍ଲକ ଅନ୍ତର୍ଗତ ସମସ୍ତ ଗାଁକୁ ଯିବାର କାର୍ଯ୍ୟକ୍ରମ ରହିଛି।


ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟରୁ ସ୍ୱଚ୍ଛତା ରଥର ଶୁଭାରମ୍ଭ କରାଯାଉଛି।

## ଫୁଟବଲ ଟୁର୍ଣ୍ଣାମେଣ୍ଟ: ସମ୍ବଲପୁର ଚାମ୍ପିୟନ

ଉଲୁଣ୍ଡା, ୩।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ବଡମାଲର ବାପୁଜୀ ପାଠାଗାର ପକ୍ଷରୁ ଆୟୋଜିତ ଦ୍ୱିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସୋନପୁରକୁ ହରାଇ ସମ୍ବଲପୁର ଚାମ୍ପିୟନ ହୋଇଛି। ଶନିବାର ଗ୍ରୁପ ବି ର ଲିଗମ୍ୟାଚରେ ବ୍ରାହ୍ମଣୀ ଦଳ କେଉଟିପାଲିକୁ ୧-୦ଗୋଲରେ, ଦ୍ୱିତୀୟ ମ୍ୟାଚରେ ଡୁରୁମ ଦଳ ପଲସାଗୋରାକୁ ୧- ୦ ଗୋଲରେ, ତୃତୀୟ ମ୍ୟାଚରେ ଦେବଗଡ ଦଳ ତରଭାକୁ ୪-୩ ଗୋଲରେ ଏବଂ ଶେଷ ଲିଗରେ ସୋନପୁର ଦଳ ବଲାଙ୍ଗୀରକୁ ୩-୦ଗୋଲରେ ପରାସ୍ତ କରିଥିଲା। ସେହିପରି ପ୍ରଥମ କ୍ୱାର୍ଟରେ ଫାଇନାଲ ମ୍ୟାଚରେ ବ୍ରାହ୍ମଣୀ ଦଳ ଡୁରୁମକୁ ୧-୦ ଗୋଲରେ ଓ ଦ୍ୱିତୀୟ କ୍ୱାର୍ଟରରେ ସୋନପୁର ଦଳ ଦେବଗଡ ଦଳକୁ ୨-୦ଗୋଲରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲା। ପ୍ରଥମ ସେମିଫାଇନାଲରେ ସୋନପୁର ଦଳ ବ୍ରାହ୍ମଣୀକୁ ୧-୦ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ପୂର୍ବରୁ ଗ୍ରୁପ ଏରୁ ଫାଇନାଲରେ ପ୍ରବେଶ କରିଥିବା ସମ୍ବଲପୁର ଓ ସୋନପୁର ଦଳ ମୁହାଁମୁହିଁ ହୋଇଥିଲେ। ଏଥିରେ ୧-୦ ଗୋଲରେ ସୋନପୁରକୁ ପରାସ୍ତ କରି ଟାଇଟଲ ହାତେଇ ଥିଲା ସମ୍ବଲପୁର। ଖେଳକୁ ନନ୍ଦୁ ନାଏକ, ଅଭି ମହାନନ୍ଦ, ରାଜକୁମାର ଓରାମ, ଲଛମନ ବେହେରା, କର୍ଣ୍ଣ ବେହେରା ଓ ପ୍ରଶାନ୍ତ ସେଠୀ ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସ୍ଥାନୀୟ ସରପଞ୍ଚ ଦୁର୍ଯ୍ୟୋଧନ ପର୍ତାଆ, ସମିତି ସଭ୍ୟା ସସ୍ମିତା ମେହେର, କଷ୍ଟ ଦୀପ, ଗୋବିନ୍ଦ ଦାସ ତରାଇ, ଶୈଳରଞ୍ଜନ ବାଦୀ ଅତିଥି ଭାବେ ଯୋଗଦେଇ ବିଜେତା ସମ୍ବଲପୁର ଦଳକୁ ଟ୍ରଫି ସହ ୨୫ ହଜାର ଏବଂ ଉପବିଜେତା ସୋନପୁରକୁ ଟ୍ରଫିସହ ୨୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ।



ଚାମ୍ପିୟନ ସମ୍ବଲପୁର ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।